

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୫ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 05 October 2026
Vol.No. 36 ■ No.261 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net

## ଫ୍ଲାଏଦୁବାଇ ଭଳି ଆକ୍ରମଣ ପାଇଁ ଅଲ୍-କାଏଦାର ଧମକ: ଟାର୍ଗେଟରେ ଆମେରିକା-ଇସ୍ରାଏଲ



ନୂଆଦିଲ୍ଲୀ,୦୪/୧୦ : ଦୁବାଇରୁ ତେଲ ଅଭିଭ ଯାଉଥିବା ଫ୍ଲାଏଦୁବାଇ ବିମାନକୁ କଥିତ ଭାବେ ଅପହରଣ କରିବା ଉଦ୍ୟମ ପରେ ଏବେ ଅଲ୍-କାଏଦା ସମର୍ଥକଙ୍କ ଏକ ପ୍ରକାଶନକୁ ନେଇ ଚିନ୍ତା ବଢ଼ିଛି । ରିପୋର୍ଟ ଅନୁଯାୟୀ, 'ଅଲ୍-ବୟାନ'ର ସଦ୍ୟତମ ସଂସ୍କରଣରେ ଆମେରିକୀୟ ଏବଂ ଇସ୍ରାଏଲୀ ନାଗରିକଙ୍କୁ ନେଇ ଯାଉଥିବା ବିମାନକୁ ଟାର୍ଗେଟ କରିବାକୁ ସମର୍ଥକମାନଙ୍କୁ ଉସୁକାଯାଇଛି । ସେଥିରେ ୯/୧୧ ଆକ୍ରମଣର ଉଲ୍ଲେଖ ସହ ଫ୍ଲାଏଦୁବାଇ ଘଟଣାକୁ ମଧ୍ୟ ପ୍ରଶଂସା କରାଯାଇଥିବା କୁହାଯାଉଛି । ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ଅନୁସାରେ, ଆରବୀ ଭାଷାରେ ପ୍ରକାଶିତ ଲେଖାରେ 'ଲଢ଼େଇ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ' ବୋଲି ଉଲ୍ଲେଖ ରହିଛି । ପ୍ରକାଶନରେ ୯/୧୧ ଆକ୍ରମଣ ସମୟର ଏକ ଚିତ୍ର ସହ ଫ୍ଲାଏଦୁବାଇ ଘଟଣା ସମ୍ବନ୍ଧୀୟ ଛବି ମଧ୍ୟ ଥିବା ରିପୋର୍ଟରେ କୁହାଯାଇଛି । ଏହି ବାର୍ତ୍ତାକୁ ଅଲ୍-କାଏଦା ସମର୍ଥକ ଟେଲିଗ୍ରାମ ଚ୍ୟାନେଲଗୁଡ଼ିକରେ ସେୟାର କରାଯାଇଥିବା ଦାବି ହୋଇଛି । ଏହାରି ମଧ୍ୟରେ ଫ୍ଲାଏଦୁବାଇ ଘଟଣାରେ ଅଭିଯୁକ୍ତ ସହ-ପାଇଲଟ୍ ହମାମ୍ ଅଲ୍-ହାମାମିଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ନେଇ ମଧ୍ୟ ତଦନ୍ତ ଗଭୀର ହୋଇଛି । ତାଙ୍କ ଆକାଉଣ୍ଟରେ ପୂର୍ବତନ ଅଲ୍-କାଏଦା ମୁଖ୍ୟ ଆୟମାନ ଅଲ୍-ଜୱାହିରିଙ୍କ ଫଟୋ ଏବଂ ହମାମ୍ ଅଲ୍-ବାଲାୱିଙ୍କ ଉଲ୍ଲେଖ ଥିବା କିଛି ପୋଷ୍ଟ ଦେଖାଯାଇଥିବା ଦାବି କରାଯାଇଛି । ତେବେ ଏହି ପୋଷ୍ଟଗୁଡ଼ିକ ଅଲ୍-ହାମାମି ନିଜେ କରିଥିଲେ ନା ଅନ୍ୟ କେହି ତାଙ୍କ ଆକାଉଣ୍ଟ ବ୍ୟବହାର କରିଥିଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଆତଙ୍କବାଦ ବିଶେଷଜ୍ଞ ଇଭାନ କୋଲମ୍ୟାନଙ୍କ ମତରେ, ଏହି ସୋସିଆଲ ମିଡିଆ ସାମଗ୍ରୀ ତଦନ୍ତ ପାଇଁ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଅଲ୍-କାଏଦା ସହ ଜଡ଼ିତ ହମାମ୍ ଅଲ୍-ବାଲାୱିଙ୍କ ନାମ ଆସିବା ପରେ ତଦନ୍ତକାରୀମାନେ କୌଣସି ଆଦର୍ଶଗତ କିମ୍ବା ସାଂଗଠନିକ ସମ୍ପର୍କ ରହିଛି କି ନାହିଁ ଖୋଜୁଛନ୍ତି । ଆମେରିକାର ପରିବହନ ସୁରକ୍ଷା ପ୍ରଶାସନ ମଧ୍ୟ ପରିସ୍ଥିତି ଉପରେ ନଜର ରଖିଥିବା କୁହାଯାଇଛି । ତେବେ ଅଲ୍-ହାମାମି ଅଲ୍-କାଏଦାର ନିର୍ଦ୍ଦେଶରେ କାମ କରୁଥିଲେ ବୋଲି ଏପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପ୍ରମାଣ ମିଳିନାହିଁ । ତାଙ୍କ ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ଏବଂ ତାଙ୍କ ସୋସିଆଲ ମିଡିଆରେ ଅଲ୍-କାଏଦା ସମ୍ବନ୍ଧୀୟ ପୋଷ୍ଟ କିଏ କରିଥିଲା—ଏହି ଦୁଇ ପ୍ରଶ୍ନକୁ ନେଇ ଛାନଭିନ୍ ଜାରି ରହିଛି ।

## ବିଜେଡି ନେତା ପ୍ରଣବ ବଳବନ୍ତରାୟଙ୍କ ଗାଡ଼ି ଉପରକୁ ଟେକାମାଡ଼



ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଣବ ବଳବନ୍ତରାୟଙ୍କ ଗାଡ଼ି ଉପରେ ଆକ୍ରମଣ ଅଭିଯୋଗ । ଜେନାପୁର ଥାନା ଅନ୍ତର୍ଗତ ଗଡ଼ ମଧୁପୁର ପଞ୍ଚାୟତର ପନ୍ତୁରି ଗାଁରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଅକ୍ଟୋବର ୨ ତାରିଖରୁ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ତେଣୁ ପ୍ରଣବ ବଳବନ୍ତରାୟ ମଧ୍ୟ ଧର୍ମଶାଳା ଅଞ୍ଚଳରେ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି । ଆଜି ପନ୍ତୁରି ଗାଁରେ ଏକ କର୍ମୀ ସମାବେଶ ଚାଲିଥିବା ବେଳେ ହଠାତ୍ କିଛି ଲୋକ ସେଠାରେ ପହଞ୍ଚି ଗାଡ଼ି ଉପରକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ପ୍ରଣବଙ୍କ ଗାଡ଼ି ଉପରକୁ ପାନଛେପ ଓ ଟେକାପଥର ଫିଙ୍ଗାଯାଇଥିଲା । ଏଥିରେ ଗାଡ଼ିରେ ଭଙ୍ଗାରୁଜା ହୋଇଥିବା ଜଣାପଡ଼ିଛି । ଘଟଣା ସମୟରେ ପୁଲିସ ଉପସ୍ଥିତ ଥିବା ସତ୍ତ୍ୱେ ଆକ୍ରମଣ ହୋଇଥିବା ପ୍ରଣବଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି । ଘଟଣା ପରେ ପ୍ରଣବ ବଳବନ୍ତରାୟ ଓ ତାଙ୍କ ସମର୍ଥକ ପଣିକୋଇଲି ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ପ୍ରଣବ ଅଭିଯୋଗ କରିଛନ୍ତି ପୋଲିସ ଉପସ୍ଥିତିରେ ଆମ ଉପରେ ଆକ୍ରମଣ ହୋଇଛି । ଆକ୍ରମଣ ପଛରେ କିଏ ରହିଛି ଏବଂ ଘଟଣାର ପ୍ରକୃତ କାରଣ କ'ଣ, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ତଥ୍ୟ ମିଳିନାହିଁ । ପୁଲିସ ଘଟଣାର ତଦନ୍ତ କରିବା ସହ ଆକ୍ରମଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଖୋଜଖବର ନେଉଥିବା ଜଣାପଡ଼ିଛି ।

## ପାକିସ୍ତାନ ପାଇଁ ଗୁପ୍ତଚର କାର୍ଯ୍ୟ କରୁଥିବା ଯୁବକ ଗୌହାଟୀରୁ ଗିରଫ

ନୂଆଦିଲ୍ଲୀ,୦୪/୧୦ : ତେଜପୁର ସେନାର ଗଜରାଜ ମିଲିଟାରୀ ଇଂଟେଲିଜେନ୍ସ (ଏମ୍. ଆଇ.) ର ପ୍ରାରମ୍ଭିକ ସୂଚନା ଆଧାରରେ, ଆସାମର ଆଇ. ଜି. ପି. (ଏସ୍. ଟି. ଏଫ୍.) ସୋନିତପୁରର ଏସ୍. ଏସ୍. ପି. ଙ୍କ ସହ ମିଶି ସେହି ଇଂଟେଲିଜେନ୍ସ ଉପରେ କାର୍ଯ୍ୟ କରିଥିଲେ ଏବଂ ଏହାକୁ ଆହୁରି ବିକଶିତ କରିଥିଲେ । ପାକିସ୍ତାନ ଇଂଟେଲିଜେନ୍ସ ଅପରେଟିଭ୍ (ପିଆଇଓ) ଙ୍କ ନିର୍ଦ୍ଦେଶରେ ଅଭିଷେକ କୁମାର ସିଂଙ୍କ ଦ୍ୱାରା ସନ୍ଦିଗ୍ଧ ଦେଶ ବିରୋଧୀ କାର୍ଯ୍ୟକଳାପ ବିଷୟରେ ସୂଚନା ଦିଆଯାଇଥିଲା ।

ଏହି ଗୁଇନ୍ଦା ତଥ୍ୟ ଆଧାରରେ ଅକ୍ଟୋବର ୩ ଏବଂ ୪ ତାରିଖ ରାତିରେ ଆସାମ ଏସ୍. ଟି. ଏଫ୍. ଏକ ଅପରେସନ କରିଥିଲା ଏବଂ ଅଭିଷେକ କୁମାର ସିଂହ (୩୧) ଙ୍କୁ ଗୌହାଟୀର ସତଗାଓଁ ଥାନା ଅନ୍ତର୍ଗତ ଗାନ୍ଧୀନଗରରେ ଏକ ଭଡ଼ା ଘରୁ ଗିରଫ କରିଥିଲା । ସେ ମୂଳତଃ ବିହାରର ପୂର୍ବ ଚମ୍ପାରଣର ବାସିନ୍ଦା । ଅପରେସନ୍ ସମୟରେ, ମୋବାଇଲ୍ ଫୋନ୍, ସିମ୍ କାର୍ଡ ଏବଂ ଅପରାଧିକ କାଗଜପତ୍ର ଉଦ୍ଧାର କରାଯାଇଥିଲା ଏବଂ ତାଙ୍କଠାରୁ ଜବତ କରାଯାଇଥିଲା । ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ସେ ଗୁପ୍ତଚର କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି, ଯେଉଁଥିରେ ପାକିସ୍ତାନ ଗୁଇନ୍ଦା ଅପରେଟିଭ୍ (ପିଆଇଓ)ଙ୍କୁ ସୁରକ୍ଷା ବାହିନୀ ସମ୍ବନ୍ଧୀୟ କ୍ଲାସିଫାଏଡ୍ ସୂଚନା ପ୍ରଦାନ କରିବା ଅନ୍ତର୍ଭୁକ୍ତ । ତଦନୁସାରେ, ଅଭିଷେକ କୁମାର ସିଂହଙ୍କୁ ଏସ୍. ଟି. ଏଫ୍. ପି. ଏସ୍. ମାମଲା ସଂଖ୍ୟା ୦୯/୨୦୨୬ରେ ଗିରଫ କରାଯାଇଛି । ଅଧିକ ତଦନ୍ତ ଜାରି ରହିଛି ।

## ନୂଆ ରୂପରେ ଫେରିଛି କଳିଙ୍ଗ ଷ୍ଟୁଡିଓ: ଆଜି ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଯେଉଁ କଳିଙ୍ଗଷ୍ଟୁଡିଓର ପୁନରୁଦ୍ଧାର କଥାକୁ ନେଇ ଚର୍ଚ୍ଚା ଲାଗି କାଲି ଏହାକୁ ନୂତନ ରୂପରେ ଲୋକାର୍ପିତ ହେବ । ୧୬୪ କୋଟି ଟଙ୍କାରେ ନବୀକରଣ ପରେ ନୂଆ ରୂପରେ ଫେରିଛି କଳିଙ୍ଗ ଷ୍ଟୁଡିଓ । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଲୋକାର୍ପଣ କରିବେ । ଆଉ ସେ ପୁରୁଣା ରୂପରେ ନୁହେଁ, ସମ୍ପୂର୍ଣ୍ଣ ଅତ୍ୟାଧୁନିକ ରୂପ ନେଇ ଫେରୁଛି କଳିଙ୍ଗ ଷ୍ଟୁଡିଓ । ସ୍ନୋ ୱାର୍ଲ୍ଡଠାରୁ ଆରମ୍ଭ କରି ଭୂତ ବଙ୍ଗଳା, ଆମାଜନ ଜଙ୍ଗଲ, ବିମାନ ବନ୍ଦର, ରେଳଷ୍ଟେସନ, ଗାଁ ପରିବେଶ ଆହୁରି କେତେ କ'ଣ ନୂଆରେ ଷ୍ଟୁଡିଓ ସଜେଇ ହୋଇଛି । ଷ୍ଟୁଡିଓ ପରିସରରେ ରହିଛି ଆମ୍ୟୁଜ୍‌ମେଣ୍ଟ୍ ପାର୍କ । ଏହି ପାର୍କ ପାଇଁ ଟିକେଟ୍ ବ୍ୟବସ୍ଥା ହେବ ଏବଂ ଆଗନ୍ତୁକମାନେ ଏହାକୁ ଉପଭୋଗ କରିବା ସହ ସେଠାରେ ସୁଟିଂ ପାଇଁ ମଧ୍ୟ ବ୍ୟବସ୍ଥା ହେବ । ଏହା ରାଜସ୍ୱ ସୃଷ୍ଟି କରିବାରେ ସହାୟ ହେବ ବୋଲି ଶିଳ୍ପ ବିଭାଗ ପକ୍ଷରୁ କୁହାଯାଇଛି । ନୂଆ ଷ୍ଟୁଡିଓ ପ୍ରଯୋଜକ, ଚଳଚ୍ଚିତ୍ର ନିର୍ମାତାଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ଟାଣିବାରେ ସହାୟ ହେବ ବୋଲି ଓଏଫ୍‌ଡିସି ଆଶାପୋଷଣ କରିଛି । ୧୬୪ କୋଟି ଟଙ୍କାରେ ନବୀକରଣ କରାଯାଇଥିବା ଏହି ଷ୍ଟୁଡିଓର ରକ୍ଷଣାବେକ୍ଷଣା ଦାୟିତ୍ୱ ଘରୋଇ ସଂସ୍ଥା 'ଯାତ୍ରୀ କର୍ପୋରେଟ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍' ନେଇଛି । ଆସନ୍ତା ୨ ବର୍ଷ ଏହି ସଂସ୍ଥା କଳିଙ୍ଗ ଷ୍ଟୁଡିଓ କଥା ବୁଝିବ । ଏ ବାବଦକୁ ଓଏଫ୍‌ଡିସି ୨ ବର୍ଷରେ ଖର୍ଚ୍ଚ କରିବ ୬ କୋଟି ୩୫ ଲକ୍ଷ ଟଙ୍କା । ଓଏଫ୍‌ଡିସିର ନିଜସ୍ୱ ବଜେଟ୍ ଶୂନ ହୋଇଥିବା ବେଳେ ଏତେ ଟଙ୍କା କିଭଳି ଭରଣା ହେବ, ଷ୍ଟୁଡିଓର ବିଦ୍ୟୁତ୍ ବିଲ୍ ବାବଦ ଟଙ୍କା କିଭଳି ଆଦାୟ ହେବ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଯଦି ଯୋଜନାବଦ୍ଧ ଭାବେ କଳିଙ୍ଗ ଷ୍ଟୁଡିଓକୁ ରାଜସ୍ୱ ଆଦାୟ ମାଧ୍ୟମ ନ କରାଯାଏ, ତେବେ ◆◆ପୃଷ୍ଠା ୭

## ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ




ଭୁବନେଶ୍ୱର, ୦୪/୧୦ (ନି.ପ୍ର): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି । ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ । ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ । ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ । ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି । ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ◆◆ପୃଷ୍ଠା ୭

## ଅଶାନ୍ତ ବ୍ରହ୍ମଗିରି ଗୁଳିମାଡରେ ଯୁବକ ଗୁରୁତର: ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର

ପୁରୀ, ୦୪/୧୦ (ନି.ପ୍ର): ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଳିକାବାଡି ଗ୍ରାମରେ ବୈଠକ ଚାଲିଥିବା ବେଳେ ହଠାତ ୪ ରାଉଣ୍ଡ ଗୁଳି ମାଡ ହୋଇଛି । ଗୁଳି ମାଡରେ ଜଣେ ଯୁବକ ଗୁରୁତର ଆହତ ହୋଇ ପ୍ରଥମେ ରେବଣା ନୂଆଗାଁ ପରେ ପୁରୀ ମେଡିକାଲ ରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଗାଁ ମନ୍ଦିର ପାଖରେ ଦିନ ୧୧ ଟା ବେଳେ ଏକ ବୈଠକ ଚାଲିଥିଲା । ବୈଠକରେ ବୁଲୁ ପାହାଳଙ୍କୁ ଏକ ରାଜନୈତିକ ଦଳରେ ମିଶାଇବା ପାଇଁ ଆଲୋଚନା ଚାଲିଥିଲା । ଏହି ସମୟରେ ବୁଲୁ ପାହଳର ଦାଦା ◆◆ପୃଷ୍ଠା ୭

## ୟୁସିସି ଲାଗୁ ନେଇ ଶୁଭେନ୍ଦୁଙ୍କ ବଡ଼ ଘୋଷଣା: ୬ ମାସ ମଧ୍ୟରେ ଆସିବ ନୂଆ ଆଇନ



ନୂଆଦିଲ୍ଲୀ,୦୪/୧୦ : ପଶ୍ଚିମବଙ୍ଗରେ ସମାନ ନାଗରିକ ସଂହିତା ଲାଗୁ କରିବା ନେଇ ବଡ଼ ବୟାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ । ରବିବାର କୋଲକାତାରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ଉତ୍ତରାଖଣ୍ଡ ଓ ଗୁଜରାଟ ଭଳି ପଶ୍ଚିମବଙ୍ଗରେ ମଧ୍ୟ ଟଉଉ ଲାଗୁ କରାଯିବ । ଏଥିସହ ଆଗାମୀ ୬ ମାସ ମଧ୍ୟରେ 'ଲଭ୍ ଜିହାଦ' ଏବଂ 'ଲ୍ୟାଣ୍ଡ ଜିହାଦ' ବିରୋଧରେ ଆଇନ ଅଣାଯିବ ବୋଲି ସେ କହିଛନ୍ତି । ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ତାଙ୍କ ସରକାର ସମ୍ବିଧାନ ଅନୁଯାୟୀ କାର୍ଯ୍ୟ କରିବ । ଏହା ସହିତ ଭାରତୀୟ ସଂସ୍କୃତି, ସନାତନ ପରମ୍ପରା ଏବଂ ମନ୍ଦିର-ମଠ ଉପରେ କୌଣସି ପ୍ରକାରର ଆକ୍ରମଣକୁ ସରକାର ଅନୁମତି ଦେବ ନାହିଁ ବୋଲି ସେ ଆଶ୍ୱାସନ ଦେଇଛନ୍ତି । ପଶ୍ଚିମବଙ୍ଗରେ ୟୁସିସି ଲାଗୁ କରିବା ପାଇଁ ସରକାର ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ଶୁଭେନ୍ଦୁ ଅଧିକାରୀ କହିଛନ୍ତି । ଏହି କମିଟି ପଶ୍ଚିମବଙ୍ଗ ପାଇଁ ପ୍ରସ୍ତାବିତ ଟଉଉ ବିଲ୍‌ର ଡ୍ରାଫ୍ଟ ଯାଞ୍ଚ କରିବ । ୟୁସିସି ଲାଗୁ ହେଲେ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ଭଳି ବ୍ୟକ୍ତିଗତ ଆଇନ ସମ୍ବନ୍ଧୀୟ ବିଷୟରେ ବିଭିନ୍ନ ସମ୍ପ୍ରଦାୟ ପାଇଁ ସମାନ ନାଗରିକ ନିୟମ ଲାଗୁ କରିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଛି । ପଶ୍ଚିମବଙ୍ଗରେ ୟୁସିସି ଲାଗୁ କରିବା ବିଜେପିରର ୨୦୨୬ ବିଧାନସଭା ନିର୍ବାଚନର ପ୍ରମୁଖ ପ୍ରତିଶ୍ରୁତି ମଧ୍ୟରେ ଥିଲା ବୋଲି ଶୁଭେନ୍ଦୁ କହିଛନ୍ତି ।

◆◆ପୃଷ୍ଠା ୭

## ଓଡ଼ିଶାରେ ପଶ୍ଚିମବଙ୍ଗ ବାଲି ମାଫିଆଙ୍କ ଦୌରାତ୍ମ୍ୟ: ୩ ଘଣ୍ଟାରେ ଗଲା ୬୦ରୁ ଅଧିକ ହାଇୱା




ଭୁବନେଶ୍ୱର, ୦୪/୧୦ (ନି.ପ୍ର): ଓଡ଼ିଶାରେ ପଶ୍ଚିମବଙ୍ଗ ବାଲି ମାଫିଆଙ୍କ ଦୌରାତ୍ମ୍ୟ । ଉଦୟପୁରରୁ ଖୁଲମଖୁଲା ଲୁଟ୍ ହେଉଛି ବାଲି । ସନ୍ଦେହ ଘେରରେ ପୁଲିସ, ପ୍ରଶାସନର ନିରବତା । ଦିନ ହେଉ ଅବା ରାତି ଓଡ଼ିଶାରୁ ପଶ୍ଚିମବଙ୍ଗ ଗଡୁଛି ବାଲି ଗାଡି । ଶହ ଶହ ହାଇୱା ବୋହୁଛନ୍ତି ବାଲି । ସୀମାରେ ପୁଲିସ କ୍ୟାମ୍ପ ଥାଇ ବି ବାଲି ଚାଲାଣରେ ବ୍ରେକ ଲାଗୁନି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୁଲିସ ଅବା ପ୍ରଶାସନ କେହିବି ଗୁରୁତ୍ୱ ଦେଉନାହାନ୍ତି । ସ୍ଥାନୀୟ ଲୋକେ ବାଲିଗାଡିଗୁଡିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଉଦୟପୁର ସୀମାରେ ଉତ୍ତେଜନା ଦେଖାଦେଇଛି । ବାଲି ମାଫିଆଙ୍କ ରୋଷର ଶୀକାର ହୋଇଛନ୍ତି ସ୍ଥାନୀୟ ବିଜେପି ନେତା ଦିଲ୍ଲୀପ କାମିଲା ଓ ଅନ୍ୟ ଜଣେ ବ୍ୟକ୍ତି । ଗୁରୁତର ଅବସ୍ଥାରେ ଉଭୟଙ୍କୁ ମେଡିକାଲ ସ୍ଥାନାନ୍ତର କରାଯାଇଛି । ବାଲି ନେଇ ଯାଉଥିବା ହାଇୱାଗୁଡିକ ଦ୍ରୁତ ଗତି ଗାଡି ଚଳାଉଛନ୍ତି । ଜୀବନକୁ ବାଜି ଲଗାଇ ସ୍ଥାନୀୟ ଯୁବକମାନେ ଗାଡି ଅଟକାଇବାକୁ ଉଦ୍ୟମ କରୁଥିଲେ ମଧ୍ୟ ସେମାନେ ଭ୍ରୁକ୍ଷେପ କରୁନାହାଁନ୍ତି । ଉଜ୍ଜଠ ଫୁଟେଜ ଅନୁଯାୟୀ ଦୁଇ ଘଣ୍ଟାରେ ଉଦୟପୁର ସୀମା ଦେଇ ଅତିକ୍ରମ କରୁଛି ୬୦ରୁ ଅଧିକ ଗାଡ଼ି । ଗତ ଶୁକ୍ରବାର ସକାଳ ୭ଟା ୩୦ରୁ ୧୦ଟା ୩୦ ମଧ୍ୟରେ ଏହି ଗାଡିଗୁଡିକ ଯାଇଥିବା ସିସିଟିଭିରେ ରେକର୍ଡ ହୋଇଛି । ବଡ଼ କଥା ହେଉଛି ସୀମାରେ ଦାୟିତ୍ୱରେ ଥିବା ପୁଲିସ ଓ ପ୍ରଶାସନ ଏହା କିପରି ଜାଣିପାରୁନାହାନ୍ତି ? ନା ଜାଣିଶୁଣି ମଧ୍ୟ ନିରବ ରହୁଛନ୍ତି, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ତୁରନ୍ତ ବାଲି ଚାଲାଣ ବନ୍ଦ କରିବା ସହ ଏହି ଚାଲାଣ ପଛରେ ଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି । କୋଟି କୋଟି ଟଙ୍କା ଲଘୁ ଖଣିଜ ଖୁଲମଖୁଲା ଲୁଟ ହେଉଥିଲେ ମଧ୍ୟ ରାଜସ୍ୱ ବିଭାଗ, ଖଣି ବିଭାଗ ଏବଂ ପୁଲିସ, ସ୍ଥାନୀୟ ପ୍ରସାସନ ସବୁ ଚୁପ ବସିଛନ୍ତି । ଏଭଳି ସ୍ଥିତିରେ ଏହି ଚୋରା ବାଲି ଚାଲାଣକୁ ରୋକିବ କିଏ ? ତାକୁ ନେଇ ବଡ଼ ପ୍ରଶ୍ନ ।

# ନିତି ଆୟୋଗ ଉପାଧ୍ୟକ୍ଷଙ୍କ ପାରାଦୀପ ବନ୍ଦର ଗସ୍ତ



ପାରାଦୀପ,୦୪/୧୦ (ନି.ପ୍ର): ଭାରତ ସରକାରଙ୍କ ନିତି ଆୟୋଗର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଲାହିରୀ ରବିବାର ଦିନ ପାରାଦୀପ ବନ୍ଦରକୁ ସରକାରୀ ଗସ୍ତରେ ଆସି ଥିଲେ । ଭବନେଶ୍ୱର ବିମାନ ବନ୍ଦରଠାରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶ ଦାତା ଅଶୋକ କୁମାର ସାହୁ ସ୍ୱାଗତ କରିଥିଲେ । ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ୍‌ରେ ପହଂଚିବା ପରେ ପାରାଦୀପ ବନ୍ଦର ପକ୍ଷରୁ ଉପାଧ୍ୟକ୍ଷ ଟି.ଭେନୁ ଗୋପାଲଡ. ରାହିରୀଙ୍କୁ ସ୍ୱାଗ କରି ଥିଲେ । ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳ ବୁଲିବା ଦେଖିବା ସହିତ ଜାହାଜ ଚଳାଚଳ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ବନ୍ଦରର ପଣ୍ୟ କାରବାର, ଆଧୁନିକ ଯାନ୍ତ୍ରୀକୀକରଣ, ବନ୍ଦର ଭିତିଭୂମି, ଯୋଗାଯୋଗ ସମ୍ପର୍କରେ ବୁଝି ଥିଲେ । ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ମେଗା ପୋର୍ଟ ପାରାଦୀପ ବନ୍ଦରର ଦକ୍ଷତା, ଭୂମିକା, ଅଗ୍ରଗତି ବୁଲି ଦେଖିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ । ପାରାଦୀପ ବନ୍ଦର ଆଧୁନିକୀକରଣ କ୍ଷେତ୍ରରେ ବହୁ ଭାବେ ଅଗ୍ରଗତି କରିଛି ଏହା ପ୍ରଶଂସନୀୟ ବୋଲି ଡ. ଲାହିରୀ କହିଥିଲେ । ପ୍ରତ୍ୟହ ୧୩ ଗୋଟି ଜାହାଜ ଚଳାଚଳ କରିବା ସହିତ ୧୬.୫ ମିଟରରୁ ଅଧିକ ଗଭୀରତା ପାରାଦୀପ ବନ୍ଦରର ଅନ୍ୟତମ ସଫଳତା । ଦେଶର ବିକାଶରେ ପାରାଦୀପ ବନ୍ଦର ଭୂମିକା ଅନସ୍ୱୀକାର୍ଯ୍ୟ । ଓଡିଶା ମେରିଟାଇମ୍ ବୋର୍ଡର ସିଓଓ ସୁରେନ୍ଦ୍ର ମାଧବ ପାଢୀ, ଓଡିଶା ନିତି ଆୟୋଗ ବାଣିଜ୍ୟ ଓ ଅର୍ଥ ବିଭାଗ ନୋଡାଲ ଅଫିସର ପ୍ର. ପ୍ରଭାକର ସାହୁ ଡ. ଲାହିରୀଙ୍କ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ ।

# ଶିଶୁ ଚିକିତ୍ସାରେ ଅବହେଳା ଅଭିଯୋଗ: ମଙ୍ଗଳବଜାର ହସ୍ପିଟାଲ ସମ୍ମୁଖରେ ବିଜେଡିର ଧାରଣା

ଝାରସୁଗୁଡ଼ା,୦୪/୧୦ (ନି.ପ୍ର): ଝାରସୁଗୁଡ଼ା ସହରର ମଙ୍ଗଳବଜାରସ୍ଥିତ ସାଟେଲାଇଟ୍ ହସ୍ପିଟାଲରେ ଶନିବାର ସକାଳେ ଜଣେ ଶିଶୁର ଚିକିତ୍ସାକୁ ନେଇ ଜଣେ ଅନ୍-ଡ୍ୟୁଟି ଡାକ୍ତରଙ୍କ ବିରୋଧରେ ଅବହେଳା ଓ ଦୁର୍ବ୍ୟବହାର ଅଭିଯୋଗ ଉଠିବା ପରେ ଉତେଜନା ପ୍ରକାଶ ପାଇଥିଲା। ଘଟଣାକୁ ନେଇ ବିଜେଡି ନେତା ଓ କର୍ମୀମାନେ ହସ୍ପିଟାଲ ପରିସରରେ ଧାରଣା ଦେଇଥିଲେ। ସୂଚନା ଅନୁସାରେ, ମୁଙ୍ଗାପଡ଼ା ଅଂଚଳର ଓମ୍ ପ୍ରକାଶ ଠକ୍କରଙ୍କ ଶିଶୁପୁତ୍ରକୁ ପ୍ରବଳ ଜ୍ୱର ହେବାରୁ ସେ ଶନିବାର ସକାଳ ପ୍ରାୟ ୫ଟାରୁ ୬ଟା ମଧ୍ୟରେ ଶିଶୁକୁ ନେଇ ମଙ୍ଗଳବଜାର ସାଟେଲାଇଟ୍ ହସ୍ପିଟାଲକୁ ଯାଇଥିଲେ। ଟିକେଟ୍ ନେବା ପରେ ସେ ଅନ୍-ଡ୍ୟୁଟି ଡାକ୍ତର ଅନିଶ ଅଖତରଙ୍କ କୋଠରୀକୁ ଯାଇଥିଲେ। ଅଭିଯୋଗ ଅନୁସାରେ, ଡାକ୍ତର ଅଖତର କୋଠରୀରେ ଶୋଇଥିଲେ। ବାରମ୍ବାର କବାଟ ଖଡ଼୍‌ଖଡ଼୍ କରିବା ପରେ ସେ ବାହାରକୁ ଆସି ଅଭିଭାବକଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଶିଶୁର ବାପା-ମା' ଚିକିତ୍ସା ପାଇଁ ନିବେଦନ କରିଥିଲେ ମଧ୍ୟ ଡାକ୍ତର ଚିକିତ୍ସା କିମ୍ବା ପରୀକ୍ଷା କରିନଥିବା ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ଡାକ୍ତରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଘଟଣା ପ୍ରଚାରିତ ହେବା ପରେ ହସ୍ପିଟାଲ ପରିସରରେ ରୁଣ୍ଡ ହୋଇଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବତନ ବିଧାୟିକା ଦୀପାଳୀ ଦାସ, ପୌର ଅଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସିଆରାମ ଦାସ, ବିଜେଡି ଯୁବନେତା ପୁରୁଷୋତମ ମହାନ୍ତି, ତାପସ ରାୟ ଚୌଧୁରୀ, ବରିଷ୍ଠ ଓକିଲ ପି. ରାମମୋହନ ରାୟ ଓ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରାଙ୍କ ସମେତ ଶତାଧିକ କର୍ମୀ ଓ ସାଧାରଣ ଲୋକ ମେଡିକାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣା ସମୟରେ ପୂର୍ବତନ ବିଧାୟିକା ଦୀପାଳୀ ଦାସ ମଙ୍ଗଳବଜାର ହସ୍ପିଟାଲର ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ନେଇ ପ୍ରଶ୍ନ ଉଠାଇଥିଲେ। ଏପରି ଘଟଣା ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ବିଫଳତାକୁ ପ୍ରତିଫଳିତ କରୁଛି ବୋଲି ସେ ଅଭିଯୋଗ କରିଥିଲେ। ଖବର ପାଇ ଝାରସୁଗୁଡ଼ା ଟାଉନ୍ ଥାନା ଆଇଆଇସି ରଞ୍ଜନ ବରିହା ଓ ସିଡିଏମ୍‌ଓ ଡାକ୍ତର ଶକ୍ତି ପ୍ରସାଦ ପାଢ଼ୀ ଘଟଣାସ୍ଥଳରେ ପହଂଚି ଧାରଣାରତ ଲୋକଙ୍କ ସହ ଆଲୋଚନା କରିଥିଲେ।

# ବେଆଇନ କରତକଳ ଉପରେ ବନବିଭାଗ ଚଢ଼ାଉ: ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ



ଲଙ୍ଗଳେଶ୍ୱର ,୦୪/୧୦ (ନି.ପ୍ର): ବେଆଇନ କରତକଳ ଗୁଡିକ ପ୍ରଶାସନ ପକ୍ଷରୁ ବନ୍ଦ କରା ଯାଇଥିବା ବେଳେ ଲଙ୍ଗଳେଶ୍ୱର ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବାଲିଆପାଳ ବ୍ଲକ ନାଚିଣ୍ଡିଆ ଗ୍ରାମରେ ଏକ ବେଆଇନ କରତକଳ ଚାଲୁଥିବା ନେଇ ଲଙ୍ଗଳେଶ୍ୱର ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ଆଜି ସନ୍ଧ୍ୟାରେ ଚଢଉ କରିଥିଲେ, ଘଟଣା ସ୍ଥଳରୁ କରତକଳ ର ମାଲିକ ଚମ୍ପଟ ମାରିଥିବା ବେଳେ କରତକଳ ଜବଦ କରିଛି ବନ ବିଭାଗ, ଆଜି ସନ୍ଧ୍ୟାରେ ରେଞ୍ଜର ଜିତେନ୍ କିସ୍କୁଙ୍କ ତତ୍ତ୍ୱାବଧାନରେ ଲଙ୍ଗଳେଶ୍ୱର ଫରେଷ୍ଟ ସେକ୍ସନର ଫରେଷ୍ଟର ବିଜୟ କୁମାର ସାହୁ, ପ୍ରତିମା ସ, ବବିସ୍ମିତା ସାହୁ, ଡାଳିମ୍ବ ବେହେରା ଏବଂ ଅନ୍ୟ କର୍ମଚାରୀ ମାନେ ନାଚିଣ୍ଡିଆ ଗ୍ରାମରେ ଅଚାନକ ଚଢଉ କରିବା ସହ ଉକ୍ତ କରତକଳକୁ ଜବଦ କରି ଅଧିକ ତଦନ୍ତ ଜାରି ରଖିଛନ୍ତି, ତେବେ ଜବତ ହୋଇଥିବା ସାମଗ୍ରୀର ଅନୁମନିକ ମୂଲ୍ୟ ୩ ଲକ୍ଷ୍ୟ ହେବ ବୋଲି ଜଣା ପଡିଛି କ୍ଷତେବେ ବନବିଭାଗର ଏଭଳି ଅତର୍କିତ ଚଢଉରେ କାଠ ମାଫିଆ ଏବଂ କରତ କଳ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛ।

# କୋଟ୍ଟାଭାଲାସା-କୋରାପୁଟ ଡବଲିଂ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ସଫଳତା: ଟନେଲ୍ ୪୧-୪୧ଏର କାର୍ଯ୍ୟ ସମ୍ପନ୍ନ

ଜୟପୁର,୦୪/୧୦ (ନି.ପ୍ର): ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ୍ ଅନ୍ତର୍ଗତ ବୋରା ଗୁହାଲୁ ଏବଂ କୋଟବାଲସା ଷ୍ଟେସନ୍ ମଧ୍ୟରେ ଅବସ୍ଥିତ ଟନେଲ୍ ନଂ ୪୧-୪୧ଏ ର ସଫଳ 'ବ୍ରେକ୍ଥ୍ରୁ' ଉଭୟ ପାର୍ଶ୍ୱର ସଂଯୋଗ ସହିତ କୋଟ୍ଟାଭାଲାସା-କୋରାପୁଟ ଡବଲିଂ ପ୍ରକଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରାଯାଇଛି। ୧ ଅକ୍ଟୋବର ୨୦୨୬ରେ ଆଲାଇନ୍ମେଂଟ ପଥ ନିର୍ଦ୍ଧାରଣ କ୍ଷେତ୍ରରେ ଶତ ପ୍ରତିଶତ ସଠିକତା ସହିତ ଏହି ସଫଳତା ମିଳିଛି, ଯାହା ଚାଲୁ ରହିଥିବା ଡବଲିଂ ପ୍ରକଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି।୮୨୯ ମିଟର ଦୀର୍ଘ ଏହି ଟନେଲଟି ୮ ଡିଗ୍ରୀ ବକ୍ରପଥ ବିଶିଷ୍ଟ ରାସ୍ତାରେ 'ହର୍ସ-ସୁ' ଘୋଡ଼ା ନାଲ୍ ଆକାରରେ ନିର୍ମାଣ କରାଯାଇଛି। ବୋରା ଗୁହାଲୁ-କୋଟାଭାଲାସା ବ୍ଲକ୍ ସେକ୍ସନ୍ ମଧ୍ୟରେ ଏହି ସଫଳତା ହାସଲ କରାଯାଇଛି। ଟନେଲ୍ ନଂ ୪୧-୪୧ଏ ର ସଫଳ ସଂଯୋଗ କାର୍ଯ୍ୟ, ଦୁର୍ଗମ ଭୂ-ଭାଗରେ ବୃହତ ରେଳ ଭିତିଭୂମି କାର୍ଯ୍ୟ ସମ୍ପାଦନ କରିବାରେ ଥିବା ସଠିକତା ଏବଂ ଇଞ୍ଜିନିୟରିଂ ଦକ୍ଷତାକୁ ପ୍ରତିଫଳିତ କରେ। ଏହି ସଫଳତା କୋଟ୍ଟାଭାଲାସା-କୋରାପୁଟ ଡବଲିଂ ପ୍ରକଳ୍ପର ସମାପ୍ତି ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଚିହ୍ନିତ କରେ। ଏହି ଟନେଲ୍ ସଂଯୋଗ କାର୍ଯ୍ୟର ସମାପ୍ତି ଡବଲିଂ ପ୍ରକଳ୍ପର କ୍ରମାଗତ ବିକାଶରେ ସହାୟକ ହେବ ଏବଂ କୋଟ୍ଟାଭାଲାସା-କୋରାପୁଟ ସେକ୍ସନରେ ରେଳ ଭିତିଭୂମିକୁ ସୁଦୃଢ଼ କରିବ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ, ଏହା ଲାଇନ୍ କ୍ଷମତା ବୃଦ୍ଧି କରିବ, ପରିଚାଳନାଗତ ଦକ୍ଷତାକୁ ଉନ୍ନତ କରିବ ଏବଂ ଏହି ଅଂଚଳରେ ମାଲବାହୀ ତଥା ଯାତ୍ରୀବାହୀ ଟ୍ରେନ୍ ର ସୁଗମ ଚଳାଚଳକୁ ସୁନିଶ୍ଚିତ କରିବ। ଏନେଇ ରେଳ ବିଭାଗ ତରଫରୁ ସୂଚନା ଦେଇଛନ୍ତି।

# ଜୟପୁର ସାହିତ୍ୟ ପରିଷଦର କାର୍ଯ୍ୟକାରିଣୀ ବୈଠକ : ସାହିତ୍ୟ ଭବନ, ମୁଖପତ୍ର ପ୍ରକାଶନ ଓ ପୁସ୍ତକ ମେଳା ଆୟୋଜନ ଉପରେ ଗୁରୁତ୍ୱ

ଜୟପୁର,୦୪/୧୦ (ନି.ପ୍ର): ଜୟପୁର ସାହିତ୍ୟ ପରିଷଦର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବ୍ରାହ୍ମଣ ସମାଜ ଭବନଠାରେ ପରିଷଦର ଉପସଭାପତି ତେଜେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ଜୟପୁର ସାହିତ୍ୟ ପରିଷଦର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ନୀଳକଣ୍ଠ ପଣ୍ଡା, ଓଏଫଏସଙ୍କ ପବିତ୍ର ସ୍ମୃତିଚାରଣ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।ବୈଠକରେ ଜୟପୁରର ସାହିତ୍ୟିକ ଓ ସାଂସ୍କୃତିକ ପରିବେଶକୁ ଆହୁରି ସମୃଦ୍ଧ କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର-ପ୍ରସାର ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଗ୍ରହଣ କରାଯାଇଥିବା ପ୍ରମୁଖ ପ୍ରସ୍ତାବଗୁଡ଼ିକ ହେଲା ଜୟପୁରରେ ସାହିତ୍ୟ ଭବନ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ। ଜୟପୁର ସାହିତ୍ୟ ପରିଷଦର ନିଜସ୍ୱ ମୁଖପତ୍ର ପ୍ରକାଶନ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଜୟପୁରରେ ପୁସ୍ତକ ମେଳା ଆୟୋଜନ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର-ପ୍ରସାର ସହ ପାଠକ ସୃଷ୍ଟି ପାଇଁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ସରକାରଙ୍କ ସହଯୋଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି କ୍ଷବୈଠକରେ ପରିଷଦର ସମ୍ପାଦକ ନବକୃଷ୍ଣ ରଥ, ସହସମ୍ପାଦକ ରାଜେନ୍ଦ୍ର ଗୌଡ଼ ଓ କୃଷ୍ଣଚନ୍ଦ୍ର ହୋତା, କୋଷାଧ୍ୟକ୍ଷ ପ୍ରଦୀପ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ମିଶ୍ର, ପ୍ରମୋଦଚନ୍ଦ୍ର ରାଉଳ, ଗଙ୍ଗାଧର ନାୟକ, ରାମପ୍ରସାଦ ପଣ୍ଡା ଓ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ଏବଂ ପରାମର୍ଶଦାତା ନରସିଂହ ପାଣିଗ୍ରାହୀ ଅଂଶଗ୍ରହଣ କରିଥିଲେ। ଶେଷରେ ସହସମ୍ପାଦକ ରାଜେନ୍ଦ୍ର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ଜ୍ୟୋତି ଯାତ୍ରା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ପୁରୀ,୦୪/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଓ ଜନସେବାରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ଉପଲବ୍ଧି ଗୁଡକୁ ତୃଣମୂଳ ସ୍ତରରେ ପହଂଚାଇବା ଏବଂ ସମାଜର ବିଭିନ୍ନ ବର୍ଗଙ୍କୁ ୨୦୪୭ ବିକଶିତ ଭାରତ ସଂକଳ୍ପ ସହ ଯୋଡିବା ଉଦ୍ଦେଶ୍ୟରେ ଆରମ୍ଭ ହେଉଛି ସେବା ସଂକଳ୍ପ ଅଭିଯାନ ୨୦୨୬। ଏହି ଆଧାରରେ ପୁରୀ ଜିଲ୍ଲା ସ୍ତରୀୟ ସେବା ଜ୍ୟୋତି ଯାତ୍ରା ଚଳିତ ମାସ ୭ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା କାର୍ଯ୍ୟକ୍ରମଟିକୁ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ପୁରୀ ଜିଲ୍ଲା ସ୍ତର ସହ ପ୍ରତ୍ୟେକ ବ୍ଲକ ମାନଙ୍କରେ ଏହା ଆୟୋଜିତ ହେବ ବୋଲି ସେ କହିଥିଲେ। ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ, ପୁରୀ ଜିଲ୍ଲା ସ୍ତରୀୟ ସେବା ଜ୍ୟୋତି ଯାତ୍ରା ଶରଧାବାଲି ମୁକ୍ତାକାଶ ରଙ୍ଗମଂଚରୁ ପୂର୍ବାହ୍ନ ୭ଟା ରୁ ଆରମ୍ଭ ହୋଇ ବଗଲା ଧର୍ମଶାଳାରେ ପହଂଚିବ। ବଗଲା ଧର୍ମଶାଳାରେ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ ସହ ବନ୍ଦେ ମାତରମ ସଂଗୀତ ଗାନ ବା ପରିବେଷଣ କରାଯିବ। ବିକଶିତ ଭାରତ ୨୦୪୭ ର ସାମୂହିକ ଶପଥ ପାଠ କରାଯିବ। ବଗଲା ଧର୍ମଶାଳାରେ ରଙ୍ଗୋଲୀ ବ୍ୟବସ୍ଥା ମହାନଗର ନିଗମର ମହିଳା ଗୋଷ୍ଠୀ ମାନଙ୍କ ଦ୍ୱାରା କରାଯିବ। ସେବା ଜ୍ୟୋତି ବହନ କରୁଥିବା ଗୋଟିଏ ସୁସଜ୍ଜିତ ଯାନ ଶୋଭାଯାତ୍ରା ସମ୍ମୁଖରେ ଗତି କରିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଭିନ୍ନ ବିଭାଗ ସେମାନଙ୍କ ଦାୟିତ୍ୱକୁ ସଠିକ ଭାବେ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଗଲା। ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ମଂଚ ସଜ୍ଜା, ଏଲ ଇ ଡି, ସାଉଣ୍ଡ ବ୍ୟବସ୍ଥା, ସାସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା, ପରିଷ୍କାର ପରିଛନ୍ନତା, ଜଳଯୋଗର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ବ୍ଲକ ସ୍ତରରେ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ଅକ୍ଟୋବର ୭ ତାରିଖରେ ଏହି କାର୍ଯ୍ୟକ୍ରମକୁ କରିବେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ଏସପି ୨ ସୁଶୀଲ କୁମାର ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଲଲାଟେନ୍ଦୁ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଏନଏସଏସ ର ଜିଲ୍ଲା ସଂଯୋଜକ ଗୋଲକ ବିହାରୀ ପଲେଇ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସହ କ୍ରୀଡା ବିଭାଗ ପକ୍ଷରୁ ମିଳିଥିବା ମାର୍ଗଦର୍ଶିକା ଆଧାରରେ ବୈଠକରେ ସୂଚନା ଦେଇଥିଲେ।

# ରାଷ୍ଟ୍ରଦୀପ ପ୍ରସାର ସମିତିର ବନ ମହୋତ୍ସବ ଓ ବୃକ୍ଷରୋପଣ ଉଦ୍‌ଯାପନ କାର୍ଯ୍ୟକ୍ରମ

ଜୟପୁର,୦୪/୧୦ (ନି.ପ୍ର): ରାଷ୍ଟ୍ରଦୀପ ପ୍ରସାର ସମିତି, ଦାମନଯୋଡି ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ୨୦୨୬ ମସିହାର ବନ ମହୋତ୍ସ୍ୱ ଓ ବୃକ୍ଷରୋପଣ ଉଦ୍ ଯାପନ କାର୍ଯ୍ୟକ୍ରମ ସ୍ଥାନୀୟ ଗୁଣ୍ଡିଚାମନ୍ଦିର କଲ୍ୟାଣମଣ୍ଡପ, ଦାମନଯୋଡି ଠାରେ ଅନୁଷ୍ଠିତ ହୋଇଯାଇଛି। ଇଂଜିନିଅର ପୁରୁଷୋତମ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାଲ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ନାଲ୍କୋ ପର୍ଯ୍ୟାବରଣ ଓ ନଗର ଉନ୍ନୟନ ବିଭାଗର ମହାପ୍ରବନ୍ଧକ ଇଂ. ସଞ୍ଜୟ କୁମାର ପଟ୍ଟନାୟକ, ଆଲୁମିନା ବିଶୋଧନ ପ୍ରକଳ୍ପର ମହାପ୍ରବନ୍ଧକ ଦିଲ୍ଲୀପ କୁମାର ବାଗ ଓ କୁନ୍ଦୁଲି ଗୁରୁକୁଳ ଆଶ୍ରମର ପିଠାଧୀଶ ଆଚାର୍ଯ୍ୟ ମନୁଦ୍ଦେ ବାଗ୍ମୀ ଯଥାକ୍ରମେ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଡ. ପ୍ରଦୀପ କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୃକ୍ଷରୋପଣ ଓ ବନ ମହୋତ୍ସବର ଆବଶ୍ୟକତା, ବାସ୍ତବିକତା ତଥା ପର୍ଯ୍ୟବରଣ ସୁରକ୍ଷା ଦିଗରେ ଏହାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ରାଷ୍ଟ୍ରଦୀପ ପ୍ରସାର ସମିତିର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ରାଷ୍ଟ୍ରଦୀପ ପ୍ରସାର ସମିତି କେବଳ ପର୍ଯ୍ୟାବରଣ ସୁରକ୍ଷା କାର୍ଯ୍ୟ ଭିତରେ ସିମୀତ ହୋଇ ରହିନାହିଁ ବରଂ ଶିକ୍ଷା, ସମାଜସେବା, ରାଷ୍ଟ୍ରୀୟ କାର୍ଯ୍ୟ ନିମନ୍ତେ ଆହୋରାତ୍ର ନିଜକୁ ସମର୍ପିତ କରିଛି ବୋଲି ସମ୍ପାଦକ ତଥା ଆବାହକ ଡ୍. ଜଳେନ୍ଦ୍ର ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ପର୍ଯ୍ୟାବରଣ ସୁରକ୍ଷା ଦିଗରେ କାର୍ଯ୍ୟକରିଥିବା ଜୟପୁରର ତଥା ବନବାସୀ କଲ୍ୟାଣ ଆଶ୍ରମ, ଓଡିଶା ଯୁବା ଅୟାମ ବିଭାଗର ସହ ପ୍ରାନ୍ତ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର, ଦାମନଯୋଡିର ସମାଜସେବୀ ନିମାଇଁ ଶଙ୍କର ଷଡଙ୍ଗୀ, ପଟ୍ଟାଙ୍ଗୀର ସମାଜସେବୀ ବଳରାମ ବାରିକଙ୍କ ସମେତ ସମିତିର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ଅନେକ କାର୍ଯ୍ୟକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ. ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନାରାୟଣ ସାହୁ ଓ ରବୀନ୍ଦ୍ର କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୋମନାଥ ସାମନ୍ତରାୟ, ମୁରଲୀଧର ମହାପାତ୍ର, ଅଶୋକ କୁମାର ସେଠି, ଅଜୟ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଧାମନଗର ଥାନା ଅଂଚଳରୁ ୧୩ ଗୋରୁ ଉଦ୍ଧାର: ପିକଅପ୍ ଗାଡ଼ି ଜବତ, ଡ୍ରାଇଭର ଫେରାର

ଭଦ୍ରକ,୦୪/୧୦ (ନି.ପ୍ର): ଭଦ୍ରକ ଜିଲା ଧାମନଗର ଥାନା ନିକଟସ୍ତ କସା ବସ୍ତି ଅଞ୍ଚଳରୁ ୧୩ ଟି ଗୋରୁ ଉଦ୍ଧାର କରିବା ସହ ଏକ ପିକଅପ ଗାଡ଼ିକୁ ଜବତ କରିଛି ଧାମନଗର ପୁଲିସ।ସୂଚନା ଅନୁଯାୟୀ ଗତକାଲି ବିଳମ୍ବ ରାତିରେ ବିଶେଷ ସୂତ୍ରରୁ ଖବର ପାଇ ଧାମନଗର ପୁଲିସ ସେଠାରେ ଚଢ଼ାଉ କରିଥିଲା। ପୁଲିସ ଚଢ଼ାଉ ସମୟରେ ଗାଡ଼ିରେ ଥିବା ୧୩ ଟି ଗୋରୁକୁ ଉଦ୍ଧାର କରାଯାଇଥିବା ବେଳେ ପିକଅପ ଗାଡ଼ିଟିକୁ ଜବତ କରାଯାଇଛି। ତେବେ ପୁଲିସକୁ ଦେଖି ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜବତ ପିକଅପ ଗାଡ଼ିଟି କେଉଁଠାକୁ ଯାଉଥିଲା ଏବଂ ଗୋରୁ ଗୁଡ଼ିକୁ କେଉଁଠାରୁ ଅଣାଯାଇଥିଲା, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଫେରାର ଡ୍ରାଇଭର କୁ ଧରିବା ପାଇଁ ପୁଲିସ ପକ୍ଷରୁ ତନାଘନା ଜାରି ରହିଛି। ପରେ ଧାମନଗର ଗୋଷ୍ଠି ପଶୁ ଚିକିତ୍ସା ଅଧିକାରୀଣୀ ଓ ଟିମ ପହଂଚି ଗୋରୁ କୁ ଚିକିତ୍ସା କରା ଯାଇଥିବା ଦେଖିବା ପାଇଁ ମିଳିଛି । ତେବେ ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ପୁଲିସ ତଦନ୍ତ କରୁଛି।ସୂଚନା ଥାଉକି ଧାମନଗର ଥାନା ଅଂଚଳ ରୁ ଅନେକ ଥର ଏପରି ନୃଶଂସ ଭାବରେ ଗୋରୁ ଗୁଡ଼ିକୁ ଚାଲାଣ କରା ଯାଉଛି।

# ବିଦ୍ୟାଶ୍ରୀ ପବ୍ଲିକ ସ୍କୁଲରେ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ

ଧର୍ମଶାଳା,୦୪/୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତଗର୍ତ ବନ୍ଧଡ଼ିହ ପଂଚାୟତସ୍ଥିତ ବିଦ୍ୟାଶ୍ରୀ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ପବିତ୍ର ଗାନ୍ଧି ଜୟନ୍ତୀ ଅବସରରେ ଭୂମିକା ଚକ୍ଷୁ ହସ୍ପିଟାଲ ଜାରକା ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସେବା ମୂଳକ ଶିବିରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଆଖପାଖ ଅଲାଡ଼ି, ଭଗବତୀପୁର, ଜୟସିଙ୍ଗୁଡ଼ା, ଅରାବଳ, ଜନକ, କଦମପାଳ, ହରିପୁର, ଗୋଳକୁଣ୍ଡ, ଯଅଁପଡ଼ା, ନହଣ, ମହାକାଳପଡ଼ା, ବଡବାଲିକୁଦା, ସାହାପଡ଼ା, ବ୍ରହ୍ମବରଦା, ମେଣ୍ଡ ଇତ୍ୟାଦି ଗ୍ରାମରୁ ୨୦୦ରୁ ଉର୍ଦ୍ଧ ଲୋକ ଯୋଗଦେଇ ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ । ଭୂମିକା ଚକ୍ଷୁ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରୀ ଟିମ୍ ଆସିଥିବା ଲୋକମାନଙ୍କ ଆଖିର ସୂକ୍ଷ୍ମ ପରୀକ୍ଷା କରିବା ସହ ସେମାନଙ୍କୁ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଦେଇଥିଲେ । ପରୀକ୍ଷା ସମୟରେ ଅନେକ ବୃଦ୍ଧବୃଦ୍ଧା ଓ ସାଧାରଣ ଲୋକଙ୍କଠାରେ ମୋତିଆବିନ୍ଦୁ ରୋଗ ଚିହ୍ନଟ କରାଯାଇଥିଲା । ସେମାନଙ୍କୁ ଆଗାମୀ ଦିନରେ ନିରାପଦ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ବିଶେଷ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା । ଏହି ଶିବିରର ସବୁଠାରୁ ଆକର୍ଷଣୀୟ ଦିଗ ଥିଲା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ନିଷ୍ଠାପର ସେବା ଓ ଶୃଙ୍ଖଳିତ ବ୍ୟବହାର । ଶିବିରକୁ ଆସିଥିବା ବୃଦ୍ଧବୃଦ୍ଧା ଓ ଅଭିଭାବକମାନଙ୍କୁ ସମ୍ମାନର ସହ ବସାଇବା, ସେମାନଙ୍କୁ ପିଇବା ପାଇଁ ଥଣ୍ଡା ପାଣି ଯୋଗାଇବା ଏବଂ ପରୀକ୍ଷା କକ୍ଷକୁ ନେବା ଆଣିବା କରିବାରେ ପିଲାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବିଶେଷ କରି ବିଦ୍ୟାଳୟର ଛାତ୍ର ସାଇସିଦ୍ଧି ଜେନା, ନିଶିକାନ୍ତ ସାହାଣୀ ଓ ବିଷ୍ଣୁପ୍ରସାଦ ବେହେରା ପୂର୍ଣ୍ଣ ଦାୟିତ୍ୱ ସହ ଶିବିର ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ଛାତ୍ରମାନଙ୍କର ଏହି ପ୍ରଶଂସନୀୟ ଓ ସମାଜସେବୀ ମନୋଭାବକୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟ କର୍ତୃପକ୍ଷଙ୍କ ତରଫରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ମାଲକାନଗିରିରେ ସେବା ଜ୍ୟୋତି ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି

ମାଲକାନଗିରି,୦୪/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଅକ୍ଟୋବର ୭ ତାରିଖରେ ଏକ ବିଶାଳ ସେବା ଜ୍ୟୋତି ଯାତ୍ରା ଏବଂ ବିକଶିତ ଭାରତ ସଂକଳ୍ପ ସଭା ଆୟୋଜିତ ହେବାକୁ ଯାଉଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସଫଳତାକୁ ତୃଣମୂଳ ସ୍ତରରେ ପହଂଚାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ବିକଶିତ ଭାରତ ୨୦୪୭ ସଂକଳ୍ପ ସହିତ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଅକ୍ଟୋବର ୭ ତାରିଖ ସକାଳ ୭ଟାରେ ମାଲ୍ୟବନ୍ତ ଛାତ୍ରାବାସ ପରିସରରୁ ଏହି ଯାତ୍ରା ଶୁଭାରମ୍ଭ ହୋଇ ଆଇ.ଏମ.ଏସ.ଟି. ଛକ, ବାଲିମେଳା ଛକ ଓ ମେନ୍ ରୋଡ୍ ଦେଇ ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ପରିକ୍ରମା କରିବ। ଏହି ସମାବେଶରେ ଜିଲ୍ଲାର ୭ଟି ବ୍ଲକରୁ ମୋଟରସାଇକେଲ ଶୋଭାଯାତ୍ରା ମାଧ୍ୟମରେ ପ୍ରତିନିଧିମାନେ ଆସି ପହଂଚିବେ। ଏହାସହ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ମୋ ଭାରତ ସଂଘ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ସରକାରୀ ଅଧିକାରୀଙ୍କୁ ମିଶାଇ ପ୍ରାୟ ୨,୦୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ଯାତ୍ରାରେ ଅଂଶଗ୍ରହଣ କରିବେ। ଯାତ୍ରା ଶେଷରେ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହେବ। ଏହି ବିଶାଳ ସମାବେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୂରଦର୍ଶନ ଶ୍ରାବ୍ୟ-ଦୃଶ୍ୟ ମାଧ୍ୟମରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିକଶିତ ଭାରତ ୨୦୪୭ ନିର୍ମାଣ ପାଇଁ ସମୂହ ଶପଥ ପାଠ, ବନ୍ଦେ ମାତରମ୍ ଗାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏଥିସହିତ ସ୍ପୋର୍ଟସ କମ୍ପ୍ଲେକ୍ସ ନିକଟସ୍ଥ ପାର୍କିଂ ପ୍ଲେସ୍ ରେ ଏକ ବିଶାଳ ଆକର୍ଷଣୀୟ ଝୋଟି ଅଙ୍କନ କରାଯିବ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳଙ୍କ ସମେତ ବିଭିନ୍ନ ସରକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୬ଟି ଚୋରି ମାମଲାର ଅଭିଯୁକ୍ତ ଗିରଫ

ଗଞ୍ଜାମ,୦୪/୧୦ (ନି.ପ୍ର): ବ୍ରହ୍ମପୁର ଟାଉନ ଥାନା ଅଂଚଳର ପୁରୁଣା ଚୋରି ମାମଲାରେ ଫେରାର ଥିବା ଅଭ୍ୟାସଗତ ଅପରାଧୀକୁ ପୋଲିସ ଗିରଫ କରିଛି। ବ୍ରହ୍ମପୁର ଟାଉନ ଥାନା କେସ ନଂ ୩୯ ତା ୧୯.୦୧.୨୦୨୬ ୟୁ/ଏସ ୩୩୧(୪)/୩୦୫/୧୧୨(୨)/୩(୫) ବିଏନଏସ୍‌ଳରେ ଗିରଫ ହୋଇଛି। ଗିରଫ ସନ୍ତୋଷ ସାହୁ ଓରଫ କମେଲେଶ (୨୩), ଜଗବନ୍ଧୁ ସାହି, ବଡ଼ବଜାର। ଏହା ତା' ନାଁରେ ୧୬ତମ ସମ୍ପତି ସମ୍ବନ୍ଧୀୟ ମାମଲା। ଚୋରି ହୋଇଥିବା ବ୍ୟାଗ, ଜ୍ୟାକେଟ, ଆଧାର କାର୍ଡ, ନଗଦ ୨୨,୫୦୦ ଟଙ୍କା ଓ ତାଲା ଭାଙ୍ଗିବାରେ ବ୍ୟବହୃତ ଟି-ଆକୃତିର ଲୁହା ରଡ ତା'ଠାରୁ ଜବତ ହୋଇଛି। ୧୯.୦୧.୨୦୨୬ରେ ଜନାର୍ଦ୍ଦନ ପଣ୍ଡା (୪୭), ଗାନ୍ଧୀନଗର, ମାରୁତି ବିହାର, ବ୍ରହ୍ମପୁର ନିଜ ଶ୍ୱଶୁର ଘର ଗଞ୍ଜାମ ଯାଇଥିବା ବେଳେ ଘରେ ଚୋରି ହୋଇଥିଲା। ପୋଲିସ ସିସିଟିଭି ଯାଂଚ୍ ରୁ ସାଗର ମୁଳି, ଶମ୍ଭୁ ମୁଳିକୁ ଚିହ୍ନଟ କରିଛି, ୨୮.୦୧.୨୦୨୬ରେ ସାଗର, ଶମ୍ଭୁ ଓ ଶିବାନନ୍ଦ ପାଣିଗ୍ରାହୀକୁ ଗିରଫ କରିଛି। ଫେରାର ସନ୍ତୋଷ ସାହୁକୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# କେତେ ସମୟ ପୂର୍ବରୁ ଚା’ ପିଇବା ସୁରକ୍ଷିତ ?: ଜାଣନ୍ତୁ କଣ କହୁଛନ୍ତି ବିଶେଷଜ୍ଞ

**ସମୟର ବ୍ୟସ୍ତତା ଭିତରେ ଏକାଥରକେ ୨-୩ କପ୍ ଚା’ ତିଆରି କରି ରଖିଦେବା ଏବଂ କିଛି ଘଣ୍ଟା ପରେ ତାହାକୁ ପୁଣି ଗରମ କରି ପିଇବା ଅନେକଙ୍କ ଅଭ୍ୟାସ। ତେବେ ଏଭଳି ରଖାଯାଇଥିବା ଚା’ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ, ତାହା ନେଇ ସଚେତନ ହେବା ଜରୁରୀ। ଦୀର୍ଘ ସମୟ ଧରି ଚା’କୁ ସାଧାରଣ ତାପମାତ୍ରାରେ ରଖି ପିଇବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ବଢ଼ିପାରେ।**

ବିଶେଷଜ୍ଞଙ୍କ ଅନୁଯାୟୀ, ତିଆରି ହୋଇଥିବା ଚା’କୁ ପ୍ରାୟ ୩ରୁ ୪ ଘଣ୍ଟା ଧରି ରଖିଦେଲେ ସେଥିରେ ଜୀବାଣୁ ବଢ଼ିବାର ଆଶଙ୍କା ରହିଥାଏ। ବିଶେଷକରି ଚା’ ଯଦି ଦୀର୍ଘ ସମୟ ଧରି ଖୋଲାରେ କିମ୍ବା ଉପଯୁକ୍ତ ତାପମାତ୍ରା ବିନା ରହିଥାଏ, ତେବେ ତାହା ଖାଦ୍ୟ ବିଷାକ୍ତ ହେବାର ସ୍ତରକୁ ବଢ଼ାଇପାରେ। ଏହି କାରଣରୁ ବହୁ ସମୟ ଧରି ରଖାଯାଇଥିବା ଚା’ ପିଇବାରୁ ଦୂରେଇ ରହିବା ସ୍ୱାସ୍ଥ୍ୟ ପ୍ରତି ଭଲ। ତେବେ କ୍ଷୀର ଓ ଚିନି ମିଶା ଚା’ରେ ବିପଦ ଅଧିକ ହୋଇପାରେ। କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଜୀବାଣୁ ବଢ଼ିବା ପାଇଁ ଅନୁକୂଳ ପରିବେଶ ଯୋଗାଇପାରେ। ତେଣୁ ଦୀର୍ଘ ସମୟ ରଖାଯାଇଥିବା କ୍ଷୀର ଚା’କୁ କେବଳ ପୁଣି ଗରମ କରିଦେଲେ ତାହା ସୁରକ୍ଷିତ ହୋଇଯିବ ବୋଲି ଭାବିବା ଠିକ୍ ନୁହେଁ। ଅଦା, ଚିନି କିମ୍ବା କ୍ଷୀର ମିଶିଥିବା ଚା’ ପ୍ରତି ଅଧିକ ସତର୍କତା ଆବଶ୍ୟକ। ଅନ୍ୟପକ୍ଷରେ, ଗ୍ରୀନ୍ ଟି, ହର୍ବାଲ୍ ଟି କିମ୍ବା ଫ୍ରୁଟ୍ ଟିକୁ ବାରମ୍ବାର ଗରମ କରିବା ମଧ୍ୟ ଭଲ ଅଭ୍ୟାସ ନୁହେଁ। ଅଧିକ ତାପ ଓ ପୁନଃପୁନଃ ଗରମ କରିବା ଦ୍ୱାରା ଚା’ର କିଛି ସ୍ୱାଭାବିକ ଗୁଣ ଓ ସ୍ୱାଦ ପ୍ରଭାବିତ



ହୋଇପାରେ। ତେଣୁ ସ୍ୱାସ୍ଥ୍ୟକର ଲାଭ ପାଇବା ଉଦ୍ଦେଶ୍ୟରେ ପିଉଥିବା ଚା’କୁ ତାଜା ଅବସ୍ଥାରେ ପିଇବା ଅଧିକ ଉପଯୁକ୍ତ। ଅନେକ ଲୋକ ଚା’ ନଷ୍ଟ ନକରିବା ପାଇଁ ବଳକା ଚା’କୁ ପୁଣି ଗରମ କରି ପିଇଥାନ୍ତି। କିନ୍ତୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଚା’ ଯେତିକି ଦରକାର, ସେତିକି ପରିମାଣରେ ତିଆରି କରି ତାଜା ଅବସ୍ଥାରେ ପିଇବା ସବୁଠାରୁ ଭଲ। ଯଦି ଅଧିକ ଚା’ ତିଆରି ହୋଇଯାଏ, ତେବେ ଯଥାସମ୍ଭବ ଶୀଘ୍ର ବ୍ୟବହାର କରିବା ଉଚିତ। ବିଶେଷକରି ୩-୪ ଘଣ୍ଟା ଧରି ସାଧାରଣ ତାପମାତ୍ରାରେ ରହିଥିବା କ୍ଷୀର ଚା’କୁ ପୁଣି ଗରମ କରି ପିଇବା ପରିବର୍ତ୍ତେ ଫିଙ୍ଗିଦେବା ଅଧିକ ସୁରକ୍ଷିତ ବିକଳ୍ପ।

# ବ୍ଲାକ୍ କଫି ପିଉଛନ୍ତି କି ? ଜାଣନ୍ତୁ ଏହାର ଫାଇଦା ଓ କ୍ଷତି

ଆଜିକାଲି ବ୍ଲାକ୍ କଫି ପିଇବାର ଟ୍ରେଣ୍ଡ ବେଶ୍ ବଢ଼ିଛି । ଓଜନ କମାଇବା ଠାରୁ ଆରମ୍ଭ କରି ଫିଟନେସ୍ ଓ ଏନର୍ଜି ବଢ଼ାଇବା ପର୍ଯ୍ୟନ୍ତ ବ୍ଲାକ୍ କଫିକୁ ଅନେକେ ‘ସୁପର ଡ୍ରିଙ୍କ’ ବୋଲି ଭାବୁଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ବ୍ଲାକ୍ କଫିର ଫାଇଦାକୁ ନେଇ ଅନେକ ଦାବି କରାଯାଉଛି କିନ୍ତୁ ପ୍ରକୃତରେ କଣ ବ୍ଲାକ୍ କଫି ସମସ୍ତଙ୍କ ପାଇଁ ଲାଭଦାୟକ? ପ୍ରତିଦିନ ଏହା ପିଇବା ସୁରକ୍ଷିତ କି? କେଉଁମାନେ ବ୍ଲାକ୍ କଫି ପିଇବା ଉଚିତ ଏବଂ କେଉଁମାନେ ସାବଧାନ ରହିବା ଦରକାର? ଏନେଇ ଡାକ୍ତରମାନେ କଣ କହୁଛନ୍ତି, ଆସନ୍ତୁ ଜାଣିବା । ବିଶେଷଜ୍ଞଙ୍କ କହିବା ଅନୁସାରେ, ବ୍ଲାକ୍ କଫିର ପ୍ରଭାବ ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରରେ ସମାନ ନୁହେଁ । ବୟସ, ଶାରୀରିକ ସ୍ଥିତି, ପୂର୍ବରୁ ଥିବା ରୋଗ ଏବଂ କ୍ୟାଫିନ୍ ସହନ କରିବାର କ୍ଷମତା ଉପରେ ଏହାର ପ୍ରଭାବ ନିର୍ଭର କରେ। ଯଦି ବ୍ଲାକ୍ କଫି ପିଇବା ପରେ କୌଣସି ଅସୁବିଧା ହେଉନାହିଁ, ତେବେ ସୀମିତ ପରିମାଣରେ ଏହା ସେବନ କରିପାରିବେ ।

ଡାକ୍ତରଙ୍କ ମତରେ ବ୍ଲାକ୍ କଫିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଲିଭରକୁ ସୁରକ୍ଷା ଦେବାରେ ସହାୟକ ହୋଇପାରେ । ଏହା ଲିଭର ଫାଇବ୍ରୋସିସ୍‌ର ଝୁମ୍ପ କମାଇବାରେ ମଧ୍ୟ ସାହାଯ୍ୟ କରିପାରେ । ଏହାସହ କ୍ୟାଫିନ୍ ମସ୍ତିଷ୍କକୁ ସକ୍ରିୟ ରଖିବା, ଧ୍ୟାନ କେନ୍ଦ୍ରୀକରଣ ବଢ଼ାଇବା ଏବଂ ମେଟାବଲିଜିମ୍‌କୁ ଉନ୍ନତ କରିବାରେ ସହାୟକ ବୋଲି କିଛି ଅଧ୍ୟୟନ ସୂଚନା ଦେଇଛି । ତେବେ ବ୍ଲାକ୍ କଫି ସମସ୍ତଙ୍କ ପାଇଁ ସମାନ ଭାବେ ଉପକାରୀ ନୁହେଁ। ଯଦି କଫି ପିଇବା ପରେ ରାତିରେ ନିଦ ଆସୁନାହିଁ, ଛାତି ଜ୍ୱଳା, ଏସିଡିଟି, ବଦହଜମ, ହୃଦସ୍ପନ୍ଦନ ବଢ଼ିଯିବା କିମ୍ବା ଅସ୍ଥିରତା ଅନୁଭବ ହେଉଛି,



ତେବେ ବ୍ଲାକ୍ କଫି ପିଇବା ବନ୍ଦ କରିବା କିମ୍ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଉଚ୍ଚ ରକ୍ତଚାପ, ହୃଦସ୍ପନ୍ଦନ ଅନିୟମିତ ଥିବା, ଦୀର୍ଘଦିନର ଏସିଡିଟି ସମସ୍ୟା କିମ୍ବା ଅନିଦ୍ରାରେ ପୀଡ଼ିତ ଲୋକମାନେ ବ୍ଲାକ୍ କଫି ପିଇବା ପୂର୍ବରୁ ନିଶ୍ଚିତ ଭାବେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ । ଅନେକ ଲୋକ ସକାଳେ ଖାଲି ପେଟରେ ବ୍ଲାକ୍ କଫି ପିଇଥାନ୍ତି ।

ଅଧିକାଂଶ ଲୋକଙ୍କ ପାଇଁ ଏଥିରେ ବିଶେଷ ଅସୁବିଧା ହୁଏନାହିଁ । କିନ୍ତୁ ଯଦି ଖାଲି ପେଟରେ କଫି ପିଇବା ପରେ ପେଟ ଜ୍ୱଳା, ଗ୍ୟାସ୍ କିମ୍ବା ପେଟ ଖରାପ ହେଉଛି, ତେବେ ଖାଦ୍ୟ ଖାଇବା ପରେ କଫି ପିଇବା ଭଲ । ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ, ବ୍ଲାକ୍ କଫିରେ ଚିନି କିମ୍ବା ଦୁଧ ନମିଶାଇ ପିଇଲେ ଏହାର କ୍ୟାଲୋରି କମ୍ ରହେ ଏବଂ ସମ୍ଭାବ୍ୟ ସ୍ୱାସ୍ଥ୍ୟ ଲାଭ ଅଧିକ ମିଳିପାରେ। ଦିନକୁ ୨ରୁ ୩ କପ୍ ପର୍ଯ୍ୟନ୍ତ କଫି ଅନେକ ସୁସ୍ଥ ବୟସ୍କଙ୍କ ପାଇଁ ସାଧାରଣତଃ ଗ୍ରହଣଯୋଗ୍ୟ ହୋଇପାରେ, କିନ୍ତୁ ଏହା ବ୍ୟକ୍ତିଭେଦେ ଭିନ୍ନ ହୋଇଥାଏ । ତେଣୁ ବ୍ଲାକ୍ କଫିକୁ କୌଣସି ଚମତ୍କାରୀ ପାନୀୟ ବୋଲି ଭାବିବା ଉଚିତ ନୁହେଁ । ସୀମିତ ପରିମାଣରେ, ନିଜ ଶରୀରର ସ୍ଥିତି ଅନୁଯାୟୀ ଏବଂ ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶରେ ବ୍ଲାକ୍ କଫି ପିଇବା ହିଁ ସବୁଠାରୁ ସୁରକ୍ଷିତ ଉପାୟ ।

# ଓଜନ କମାଇବା ପାଇଁ ଔଷଧ ନା ସର୍ଜରୀ ? କେଉଁଟି ଅଧିକ ପ୍ରଭାବଶାଳୀ, ଜାଣନ୍ତୁ ....

ମୋଟାପଣ ଏବେ କେବଳ ସୌନ୍ଦର୍ଯ୍ୟର ପ୍ରସଙ୍ଗ ନୁହେଁ, ବରଂ ଏହା ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା । ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ ଓ ଅନ୍ୟାନ୍ୟ ଜଟିଳ ରୋଗର ମୂଳ କାରଣ ହୋଇପାରେ ଅଧିକ ଓଜନ । ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି—ଓଜନ କମାଇବା ପାଇଁ ଔଷଧ ନେବା ଭଲ, ନା ବାରିଆଟ୍ରିକ୍ ସର୍ଜରୀ କରାଇବା ? ଜାଣନ୍ତୁ, କେଉଁ ପଦ୍ଧତି କେଉଁ ଲୋକଙ୍କ ପାଇଁ ଅଧିକ ଉପଯୁକ୍ତ । ବର୍ତ୍ତମାନ ସମୟରେ ଓଜନ କମାଇବା ପାଇଁ ନୂତନ ପିଢ଼ିର ଔଷଧ ବେଶ୍ ଚର୍ଚ୍ଚାରେ ରହିଛି । ଏହି ଔଷଧଗୁଡ଼ିକ ଭୋକ କମାଇବା, ପେଟ ଦୀର୍ଘ ସମୟ ଭରି ରହିବାର ଅନୁଭୂତି ଦେବା ଏବଂ କମ୍ କ୍ୟାଲୋରି ଖାଇବାରେ ସାହାଯ୍ୟ କରିଥାଏ । ତେବେ ଏହି ଔଷଧ କେବଳ ଡାକ୍ତରଙ୍କ ପରାମର୍ଶରେ ନେବା ଉଚିତ । ନିଜ ଇଚ୍ଛାରେ ଔଷଧ ବ୍ୟବହାର କଲେ ବାନ୍ତି, ବମି, ପେଟ ଯନ୍ତ୍ରଣା, ଝାଡ଼ା ଓ ଅନ୍ୟାନ୍ୟ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଇପାରେ । ଅନ୍ୟପକ୍ଷରେ ବାରିଆଟ୍ରିକ୍ ସର୍ଜରୀ ସାଧାରଣତଃ ସେହି ଲୋକଙ୍କ ପାଇଁ କରାଯାଏ, ଯେଉଁମାନଙ୍କର ମୋଟାପଣ ଅତ୍ୟଧିକ ଏବଂ ଖାଦ୍ୟ ନିୟନ୍ତ୍ରଣ, ବ୍ୟାୟାମ କିମ୍ବା ଔଷଧରେ ଆଶାକରା ଫଳ ମିଳୁନାହିଁ । ସର୍ଜରୀ ଦ୍ୱାରା ପେଟର ଆକାର କମାଯାଏ କିମ୍ବା ଖାଦ୍ୟ ଶୋଷଣ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଏ, ଯାହା ଫଳରେ ଦ୍ରୁତ ଓଜନ ହ୍ରାସ ହୋଇପାରେ । ତେବେ ଏହା ଏକ ବଡ଼ ଚିକିତ୍ସା ପ୍ରକ୍ରିୟା ହୋଇଥିବାରୁ ଡାକ୍ତରୀ ମୂଲ୍ୟାଙ୍କନ ପରେ ହିଁ ଏହାର ନିଷ୍ପତ୍ତି ନିଆଯାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଔଷଧ ଓ ସର୍ଜରୀ—ଉଭୟର ନିଜସ୍ୱ ସୁବିଧା ଓ ସୀମାବଦ୍ଧତା ରହିଛି। କେଉଁ ପଦ୍ଧତି ବାଛିବେ, ତାହା ବ୍ୟକ୍ତିଙ୍କ ଓଜନ, ବଡି ମାସ୍ ଇଣ୍ଡେକ୍ସ (ଇଗଓ), ବୟସ, ଅନ୍ୟାନ୍ୟ ରୋଗ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । କୌଣସି ପଦ୍ଧତି ମଧ୍ୟ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ଜୀବନଶୈଳୀର ପରିବର୍ତ୍ତନର ବିକଳ୍ପ ନୁହେଁ । ଓଜନ କମାଇବା ପାଇଁ ,ସର୍ଟକଟ୍ ବାଛିବା ପୂର୍ବରୁ ନିଶ୍ଚିତ ଭାବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ମନେରଖନ୍ତୁ, ସ୍ଥାୟୀ ଓ ସୁସ୍ଥ ଓଜନ ହ୍ରାସର ମୂଳମନ୍ତ୍ର ହେଉଛି ସନ୍ତୁଳିତ ଖାଦ୍ୟ, ନିୟମିତ ଶାରୀରିକ ପରିଶ୍ରମ ଏବଂ ସଠିକ୍ ଚିକିତ୍ସା ପରାମର୍ଶ ।

# କିଡନି ପଥରୀ କ’ଣ ? : କିଡ୍ନି ଷ୍ଟୋନ୍‌ର ଆଶଙ୍କା ବଢ଼ାଉଛି ଏହିସବୁ ଖାଦ୍ୟ

ଖାଦ୍ୟର ପ୍ରଭାବ ସିଧାସଳଖ ଭାବେ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ବଦଳୁଥିବା ଜୀବନଶୈଳୀ ଓ ଅସନ୍ତୁଳିତ ଖାଦ୍ୟାଭ୍ୟାସ କାରଣରୁ କିଡନି ଷ୍ଟୋନ୍ ବା ପଥରୀ ସମସ୍ୟା ଏବେ ସାଧାରଣ ହୋଇପଡ଼ିଛି। ଏହି ସମସ୍ୟା ହେଲେ ରୋଗୀଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼େ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଭୁଲ ଖାଦ୍ୟାଭ୍ୟାସ ହିଁ ଏହାର ଏକ ପ୍ରମୁଖ କାରଣ।ସେଥିପାଇଁ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା ଜରୁରୀ।

କିଡ୍‌ନିରେ ଖଣିଜ ଓ ଲବଣ ଜମା ହୋଇ କଠିନ ପଦାର୍ଥରେ ପରିଣତ ହେଲେ ପଥରୀ ସୃଷ୍ଟି ହୁଏ। ଏହା ଛୋଟ ହୋଇପାରେ କିମ୍ବା ସମୟ ସହ ବଡ଼ ଆକାର ନେଇପାରେ,ଏବଂ ପରିସ୍ରା ସମୟରେ ତୀବ୍ର ଯନ୍ତ୍ରଣାର କାରଣ ହୋଇଥାଏ।ଛୋଟ ପଥରୀ କ୍ଷେତ୍ରରେ ଔଷଧ ଦେଇ ପରିସ୍ରା ସହିତ ବାହାର କରିବାକୁ ଚେଷ୍ଟା କରାଯାଏ, କିନ୍ତୁ ବଡ଼ ପଥରୀ କ୍ଷେତ୍ରରେ ଅସ୍ତ୍ରୋପଚାରର ଆବଶ୍ୟକତା ହୋଇଥାଏ। କ୍ୟାଲସିୟମ ଅକ୍ସାଲେଟ, ୟୁରିକ ଆସିଡ୍, ଷ୍ଟ୍ରୁଭାଇଟ ଏବଂ ସିଷ୍ଟିନ ପଥରୀକୁ କିଡ୍‌ନି ପଥରୀର ସାଧାରଣ କାରଣ ଭାବେ ଗଣନା କରାଯାଏ। ବିଶେଷଜ୍ଞଙ୍କ ମତରେ କିଡ୍‌ନି ପଥରୀ ରୋଗୀ ପାଳଙ୍ଗ ଶାଗ, ବିଟ୍, ବାଦାମ, ଚକୋଲେଟ ଓ ଚା’ ଭଳି ଅକ୍ସାଲେଟଯୁକ୍ତ ଖାଦ୍ୟ ଠାରୁ ନିବୃତ୍ତ ରହିବା ଉଚିତ। ସେହିପରି ଇନଷ୍ଟାଣ୍ଟ ନୁଡୁଲ୍ସ, ଚିପ୍ସ, ଫାଷ୍ଟ ଫୁଡ୍ ଓ ଅନ୍ୟ ପ୍ରୋସେସ୍‌ଡ ଖାଦ୍ୟ ସହିତ ରେଡ୍ ମିଟ୍ ଏବଂ ପଶୁଜାତ ପ୍ରୋଟିନ୍‌ର ଅଧିକ ସେବନ, ସଫ୍ଟ ଡ୍ରିଙ୍କ୍ସ, ଅଧିକ ଚିନିଯୁକ୍ତ, କ୍ୟାଫିନ୍ ଓ



ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, କିଡ୍‌ନି ଷ୍ଟୋନ୍‌ରୁ ରକ୍ଷା ପାଇଁ ଦୈନିକ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଏବଂ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଜରୁରୀ। ଯଦି ପଥରୀ ସମସ୍ୟା ପୂର୍ବରୁ ରହିଛି କିମ୍ବା ଯନ୍ତ୍ରଣା ବଢ଼ୁଛି, ତେବେ ତୁରନ୍ତ ୟୁରୋଲୋଜିଷ୍ଟ କିମ୍ବା କିଡନୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

# ଫ୍ରିଜରେ ନ ରଖି ବି କେମିତି ଫ୍ରେସ ରହିପାରିବ ଟମାଟୋ ? ଜାଣନ୍ତୁ ଉପାୟ...

ଟମାଟୋ ପ୍ରାୟ ପ୍ରତ୍ୟେକ ଭାରତୀୟ ରୋଷେଇ ଘରର ଏକ ଅତ୍ୟାବଶ୍ୟକ ଅଂଶ କହିଲେ ଭୁଲ ହେବ ନାହିଁ। ତରକାରୀଠାରୁ ସାଲାଡ ଏବଂ ଚଟଣି ପର୍ଯ୍ୟନ୍ତ, ଅନେକ ଖାଦ୍ୟ ଏହା ବିନା ଅସମ୍ପୂର୍ଣ୍ଣ ମନେହୁଏ। କିନ୍ତୁ ବେଳେବେଳେ, ବହୁ ପରିମାଣର ଟମାଟୋ କିଣିବା ପରେ, କିଛି ଦିନ ମଧ୍ୟରେ ସେଗୁଡ଼ିକ ଖରାପ ହେବାକୁ ଆରମ୍ଭ କରନ୍ତି। ତେଣୁ, ଅଧିକାଂଶ ଲୋକ ସେଗୁଡ଼ିକୁ ଫ୍ରିଜରେ ରଖନ୍ତି। କିନ୍ତୁ ଆପଣ କ’ଣ ଜାଣନ୍ତି ଯେ ଫ୍ରିଜରେ ଟମାଟୋକୁ ସତେଜ ରଖିବାର ସର୍ବୋତ୍ତମ ଉପାୟ ନୁହେଁ?

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଫ୍ରିଜରେ ଟମାଟୋ ରଖିବା ସେମାନଙ୍କର ପ୍ରାକୃତିକ ସ୍ୱାଦକୁ ପ୍ରଭାବିତ କରିପାରେ। ଥଣ୍ଡା ତାପମାତ୍ରା ଟମାଟୋ ପାଚିବା ପ୍ରକ୍ରିୟାକୁ ବନ୍ଦ କରିଦିଏ। ତେଣୁ, ଯଦି ଟମାଟୋ ସମ୍ପୂର୍ଣ୍ଣ ପାଚି ନଥାଏ, ତେବେ ସେଗୁଡ଼ିକୁ କୋଠରୀ ତାପମାତ୍ରାରେ ରଖିବା



ସର୍ବୋତ୍ତମ। ଟମାଟୋକୁ ଦୀର୍ଘ ସମୟ ପାଇଁ ସତେଜ ରଖିବାର ଏକ ସହଜ ଉପାୟ ହେଉଛି ସେଗୁଡ଼ିକର ଉପରପାର୍ଶ୍ୱ ତଳକୁ ରଖିବା ଉଚିତ। ଖାଦ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଟମାଟୋରେ ଥିବା ଅଧିକାଂଶ ଆର୍ଦ୍ରତା ଉପରୁ ବାଷ୍ପୀଭୂତ ହୋଇଯାଏ। ଯେତେବେଳେ ଟମାଟୋକୁ ତଳକୁ ରଖି ସଂରକ୍ଷଣ କରାଯାଏ, ସେତେବେଳେ ଆର୍ଦ୍ରତା ହ୍ରାସକୁ କମ୍ କରାଯାଏ, ଯାହାଦ୍ୱାରା ଟମାଟୋ ଅଧିକ ସମୟ ତାଜା ରୁହନ୍ତି । ଯଦି ଆପଣ ସ୍ଥାନ ସୀମିତ, ତେବେ ଆଉ ଏକ ସରଳ ସମାଧାନ ହେଉଛି ଟମାଟୋର ଉପର ଭାଗକୁ ଟେପରେ ହାଲୁକା ଭାବରେ ଘୋଡାଇ ରଖନ୍ତୁ। ଏହା ଆର୍ଦ୍ରତା ହ୍ରାସକୁ ମଧ୍ୟ ଧୀର କରିଥାଏ ଏବଂ ଟମାଟୋକୁ ଶୀଘ୍ର ଶୁଖିବାକୁ କିମ୍ବା ସଂକୁଚିତ ହେବାକୁ ଦିଏ ନାହିଁ। କିଛି ପରୀକ୍ଷାରୁ ଏହି ପଦ୍ଧତିଟି ଟମାଟୋକୁ କିଛି ଦିନ ପାଇଁ ସତେଜ ରଖିବାର ପ୍ରମାଣ ମିଳିଛି। ଟମାଟୋ ସଂରକ୍ଷଣ କରିବା ସମୟରେ, ସେମାନଙ୍କୁ ସିଧାସଳଖ ସୂର୍ଯ୍ୟ କିରଣରୁ ଦୂରରେ ରଖିବା ନିଶ୍ଚିତ କରନ୍ତୁ। ଅତ୍ୟଧିକ ଗରମ କିମ୍ବା ସୂର୍ଯ୍ୟ କିରଣ ଟମାଟୋକୁ ଶୀଘ୍ର ନରମ କରିପାରେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କଦଳୀ ଏବଂ ସେଓ ପରି ଫଳରୁ ଟମାଟୋକୁ ଦୂରରେ ରଖିବା। ଏହି ଫଳଗୁଡ଼ିକ ଇଥିଲିନ୍ ଗ୍ୟାସ୍ ମୁକ୍ତ କରନ୍ତି, ଯାହା ଟମାଟୋର ପାଚିବା ଏବଂ ନଷ୍ଟ ହେବା ପ୍ରକ୍ରିୟା ତ୍ୱରାନ୍ୱିତ କରିପାରେ। ଏହା ସହିତ, ଆପଣ ସେଗୁଡ଼ିକୁ ବ୍ୟବହାର କରିବାକୁ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ଟମାଟୋ ଧୋଇବେ ନାହିଁ। ଅତ୍ୟଧିକ ଆର୍ଦ୍ରତା ଯୋଗୁଁ ଏହା ପଚିପାରେ।

ଯଦି ଟମାଟୋ ସମ୍ପୂର୍ଣ୍ଣ ପାଚି ଯାଇଛି ଏବଂ ଆପଣ ସେଗୁଡ଼ିକୁ ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ବ୍ୟବହାର କରିବେ ନାହିଁ, ତେବେ ସେଗୁଡ଼ିକୁ ଫ୍ରିଜରେ ରଖିବା ଭଲ। ତଥାପି, ଖାଇବାର ପ୍ରାୟ ଅଧ ଘଣ୍ଟା ପୂର୍ବରୁ ସେଗୁଡ଼ିକୁ ବାହାର କରିଦିଅନ୍ତୁ ଯାହା ଦ୍ୱାରା ତାହାର ସ୍ୱାଦ ସେଭଳି ହିଁ ରହିବ।

# ଆବଶ୍ୟକତାଠାରୁ ଶରୀରରେ ଅଧିକ ଭିଟାମିନ-ଡି ଥିଲେ ହୋଇପାରେ ଘାତକ

ଭିଟାମିନ୍-ଡି ଆମ ଶରୀର ପାଇଁ ଅତ୍ୟନ୍ତ ଜରୁରୀ ପୋଷକ ତତ୍ତ୍ୱ। ଏହା ହାଡ଼ ଓ ଦାନ୍ତକୁ ଶକ୍ତ ରଖିବା ସହ ଶରୀରରେ କ୍ୟାଲସିୟମ୍‌ର ଠିକ୍ ଶୋଷଣରେ ସହାୟତା କରିଥାଏ। ସୂର୍ଯ୍ୟକିରଣ, କିଛି ଖାଦ୍ୟ ଓ ଔଷଧ ମାଧ୍ୟମରେ ଶରୀର ଭିଟାମିନ୍-ଡି ପାଇଥାଏ। କିନ୍ତୁ ଆଜିକାଲି ଅନେକ ଲୋକ ଡାକ୍ତରଙ୍କ ପରାମର୍ଶ ବିନା ଭିଟାମିନ୍-ଡି ସପ୍ଲିମେଣ୍ଟ ଖାଉଛନ୍ତି, ଯାହା ପରବର୍ତ୍ତୀ ସମୟରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଶରୀରରେ ଆବଶ୍ୟକତାଠାରୁ ଅଧିକ ଭିଟାମିନ୍-ଡି ଜମା ହେଲେ ରକ୍ତରେ କ୍ୟାଲସିୟମ୍‌ର ପରିମାଣ ବଢ଼ିଯାଏ। ଏହି ଅବସ୍ଥାକୁ ‘ହାଇପରକ୍ୟାଲସିମିଆ’ ବୋଲି କୁହାଯାଏ। ରକ୍ତରେ ଅଧିକ କ୍ୟାଲସିୟମ୍ ରହିଲେ ତାହା ହୃଦୟ, ରକ୍ତନଳୀ, ବୃକ୍କ ଓ ଅନ୍ୟାନ୍ୟ ଅଙ୍ଗରେ ଜମା ହୋଇ ଶରୀରର ସାଧାରଣ କାର୍ଯ୍ୟକୁ ବାଧା ଦେଇପାରେ। ଡାକ୍ତରମାନଙ୍କ ମତରେ, ଅତ୍ୟଧିକ ଭିଟାମିନ୍-ଡି ସେବନ କରିଲେ ବୃକ୍କରେ ପଥର ସୃଷ୍ଟି ହେବା, ବୃକ୍କର କାର୍ଯ୍ୟକ୍ଷମତା କମିଯିବା ଏବଂ ଗୁରୁତର କ୍ଷେତ୍ରରେ ବୃକ୍କ ବିଫଳ ହେବା ପର୍ଯ୍ୟନ୍ତ ସମସ୍ୟା ଦେଖାଦେଇପାରେ। ସେହିପରି ହୃଦୟର ସ୍ପନ୍ଦନ ଅସ୍ୱାଭାବିକ ହେବା, ରକ୍ତନଳୀ କଠିନ ହେବା ଓ ହୃଦୟ ଉପରେ ଅତିରିକ୍ତ ଚାପ ପଡ଼ିବାର ଆଶଙ୍କା ମଧ୍ୟ ରହିଥାଏ। ଏହାର ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି ଲାଗିବା, ଭୋକ କମିଯିବା, ଅଧିକ ତୃଷ୍ଣା ଲାଗିବା, ବାରମ୍ବାର ପରିସ୍ରା ହେବା, ଦୁର୍ବଳ ଅନୁଭବ କରିବା, ଥକାପଣ ଓ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦେଇପାରେ। ଅନେକ ସମୟରେ ଲୋକମାନେ ଏହି ଲକ୍ଷଣକୁ ସାଧାରଣ ବୋଲି ଭାବି ଅବହେଳା କରିଦିଅନ୍ତି, ଯାହା ପରେ ବଡ଼ ସମସ୍ୟାର ରୂପ ନେଇପାରେ। ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ, ଭିଟାମିନ୍-ଡିର ଅଭାବ ଅଛି କି ନାହିଁ ତାହା ରକ୍ତ ପରୀକ୍ଷା ମାଧ୍ୟମରେ ଜାଣିବା ଉଚିତ। ପରୀକ୍ଷା ଓ ଡାକ୍ତରୀ ପରାମର୍ଶ ବିନା ଦୀର୍ଘ ସମୟ ଧରି ଭିଟାମିନ୍-ଡି ଔଷଧ କିମ୍ବା ସପ୍ଲିମେଣ୍ଟ ସେବନ କରିବା ଉଚିତ ନୁହେଁ। ଭିଟାମିନ୍-ଡି ଶରୀର ପାଇଁ ଉପକାରୀ ହୋଇଥିଲେ ମଧ୍ୟ ଏହାର ଅତ୍ୟଧିକ ବ୍ୟବହାର ହୃଦୟ ଓ ବୃକ୍କ ପାଇଁ ବିପଦ ଡାକି ଆଣିପାରେ।

# 'ବିରୋଧୀ-ଶୂନ୍ୟ' ରାଜନୀତି

ପଶ୍ଚିମବଙ୍ଗ ରାଜନୀତିରେ ନନ୍ଦୀଗ୍ରାମର ଏକ ସ୍ୱତନ୍ତ୍ର ତଥା ଐତିହାସିକ ପରିଚୟ ରହିଆସିଛି । ଆସନ୍ତା ଅକ୍ଟୋବର ୬ ତାରିଖରେ ନନ୍ଦୀଗ୍ରାମ ଏବଂ ରେଜିନଗର ବିଧାନସଭା ଆସନ ପାଇଁ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ରାଜ୍ୟ ରାଜନୀତିରେ ଏକ ନୂତନ ସମୀକରଣ ସୃଷ୍ଟି କରିବାକୁ ଯାଉଛି । ଏହି ନିର୍ବାଚନ କେବଳ କ୍ଷମତା ଦଖଲର ଏକ ସାଧାରଣ ଲଢ଼େଇ ନୁହେଁ, ବରଂ ଏହା ବର୍ତ୍ତମାନର ପ୍ରଶାସନିକ ବ୍ୟବସ୍ଥା ଏବଂ ରାଜନୈତିକ ରଣନୀତିର ଏକ ବାସ୍ତବ ଚିତ୍ର ଉପସ୍ଥାପନ କରୁଛି । ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ପ୍ରାର୍ଥୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ପରିସ୍ଥିତି ସୃଷ୍ଟି ହେବା ଏବଂ ପ୍ରଶାସନିକ କଳର ସୂକ୍ଷ୍ମ ବ୍ୟବହାରକୁ ନେଇ ରାଜନୈତିକ ସମୀକ୍ଷକମାନେ ବିଭିନ୍ନ ମତ ପୋଷଣ କରୁଛନ୍ତି । ଅତୀତରେ 'ବିରୋଧୀ-ଶୂନ୍ୟ' ପଞ୍ଚାୟତ ଗଠନର ଯେଉଁ ରୂପରେଖ ପ୍ରସ୍ତୁତ କରାଯାଇଥିଲା, ଆଜି ଶାସନ କ୍ଷମତାର ଶୀର୍ଷରେ ଥିବା ନେତୃତ୍ୱଙ୍କ ସମୟରେ ସେହି ସମାନ ଧାରଣାର ଏକ ନୂତନ ସଂସ୍କରଣ ଦେଖିବାକୁ ମିଳୁଛି ବୋଲି ଅନେକେ ଅନୁଭବ କରୁଛନ୍ତି । ଏହା ପ୍ରମାଣ କରୁଛି ଯେ ରାଜନୈତିକ କାର୍ଯ୍ୟଶୈଳୀ ଏବେ ଏକ ପୂର୍ଣ୍ଣ ବୃତ୍ତରେ ପହଞ୍ଚିଛି ଏବଂ କ୍ଷମତାରେ ଥିବା ବେଳେ ନିଜର ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ସରକାରୀ ବ୍ୟବସ୍ଥାର କିପରି ଉପଯୋଗ କରାଯାଇପାରେ, ତାହା ଏହି ଉପନିର୍ବାଚନରୁ ବେଶ୍ ସ୍ପଷ୍ଟ ହୋଇପାରୁଛି ।

ଚଳିତ ଉପନିର୍ବାଚନର ପ୍ରଚାର ପ୍ରକ୍ରିୟା ଏବଂ ଏହା ସହିତ ଜଡିତ ଘଟଣାବଳୀ ଅତ୍ୟନ୍ତ ଉଦ୍ବେଗଜନକ ଅଟେ । ନନ୍ଦୀଗ୍ରାମ ଆସନ ପାଇଁ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ଗୋଷ୍ଠୀର ପ୍ରାର୍ଥୀ ସଞ୍ଚିତା ପ୍ରଧାନ ଦେ ହଠାତ୍ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଏହାପରେ ମମତା ବାନାର୍ଜୀ କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନଙ୍କୁ ସମର୍ଥନ ଜଣାଇବା ପାଇଁ ଘୋଷଣା କରିଥିଲେ । କିନ୍ତୁ ଏହି ଘୋଷଣାର କିଛି ଘଣ୍ଟା ନପୂରୁଣୁ ସେପ୍ଟେମ୍ବର ୧୮ ତାରିଖ ସନ୍ଧ୍ୟାରେ ପୋଲିସ ମିଲନ ପ୍ରଧାନଙ୍କୁ ନାଟକୀୟ ଢଙ୍ଗରେ ଗିରଫ କରିନେଇଥିଲା । ତାଙ୍କ ନାମରେ ୨୦୦୭ ମସିହାର ନନ୍ଦୀଗ୍ରାମ ଆନ୍ଦୋଳନ ସମୟର ଏକାଧିକ ପୁରୁଣା ମାମଲା ରହିଥିବା ଦର୍ଶାଇ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏହି ମାମଲାଗୁଡିକରେ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ ଏବଂ ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ଭଳି ସଙ୍ଗିନ ଅଭିଯୋଗ ରହିଥିଲା । ଦୀର୍ଘ ୧୯ ବର୍ଷ ଧରି ପଡିରହିଥିବା ଏକ ମାମଲାରେ ଠିକ୍ ନିର୍ବାଚନ ସମୟରେ ଗିରଫ ପରୱାନା କାର୍ଯ୍ୟକାରୀ କରିବା ପ୍ରଶାସନର ନିରପେକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଗିରଫ ହେବା ପରେ ମିଲନ ପ୍ରଧାନଙ୍କୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ୨୯ ତାରିଖରେ କଲିକତା ହାଇକୋର୍ଟରୁ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ମିଳିଥିଲା । ଏହାର ଅର୍ଥ ହେଉଛି, ୧୬ ଦିନିଆ ନିର୍ବାଚନ ପ୍ରଚାର ସମୟରୁ ପ୍ରାୟ ୧୧ ଦିନ ସେ ଜେଲରେ ବିତାଇବାକୁ ବାଧ୍ୟ ହୋଇଥିଲେ । ଜେଲରୁ ମୁକୁଳିବା ପରେ ସେ ଅଭିଯୋଗ କରିଥିଲେ ଯେ ତାଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ବିଭିନ୍ନ ଆଡୁ ଚାପ ପକାଯାଉଥିଲା । କେବଳ ସେତିକି ନୁହେଁ, ତାଙ୍କ ସମର୍ଥନରେ ପ୍ରଚାର କରିବାକୁ ଆସିଥିବା କଂଗ୍ରେସ ନେତା ତଥା ମତୁଆ ଅଧିକାର ଆନ୍ଦୋଳନର କର୍ମୀ ସୁକୃତି ରଞ୍ଜନ ବିଶ୍ୱାସ ଏବଂ ସାମାଜିକ କର୍ମୀ ମାଣିକ ଫକିରଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା । ଅନ୍ୟପକ୍ଷରେ, ସିପିଆଇ ପ୍ରାର୍ଥୀ ଶାନ୍ତି ଗୋପାଳ ଗିରି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଚାର କରୁଥିବା ସମୟରେ ଆକ୍ରମଣର ଶିକାର ହୋଇଥିଲେ । ଏହି ସମସ୍ତ ଘଟଣା ଦର୍ଶାଉଛି ଯେ ବିରୋଧୀ ଦଳର ପ୍ରାର୍ଥୀମାନଙ୍କୁ ନିର୍ବାଚନ ମଇଦାନରେ ସ୍ୱାଭାବିକ ଭାବରେ ପ୍ରଚାର କରିବାରୁ ବଞ୍ଚିତ କରିବା ପାଇଁ ଏକ ପ୍ରତିକୂଳ ବାତାବରଣ ସୃଷ୍ଟି ହୋଇଛି । ରାଜ୍ୟ କଂଗ୍ରେସ ସଭାପତି ଶୁଭଙ୍କର ସରକାର ଏହି ଘଟଣାକୁ ନିନ୍ଦା କରି ପ୍ରକାଶ କରିଥିଲେ ଯେ ପଶ୍ଚିମବଙ୍ଗର ଗଣତନ୍ତ୍ର ଏବେ ଏକ ଅତ୍ୟନ୍ତ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଛି । ସୁପ୍ରିମକୋର୍ଟରେ ରାଜ୍ୟ ସରକାର ମିଲନ ପ୍ରଧାନଙ୍କ ଜାମିନ ଖାରଜ କରିବାକୁ ଆବେଦନ କରିଥିଲେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଜରୁରୀକାଳୀନ ଭିତ୍ତିରେ ଶୁଣାଣି କରିବାକୁ ମନା କରିଦେଇଥିଲେ । ଏହା ପ୍ରଶାସନର ଅତ୍ୟଧିକ ତତ୍ପରତା ଉପରେ ଏକ ପ୍ରକାର ରୋକ୍ ଲଗାଇଥିଲା ବୋଲି କୁହାଯାଇପାରେ ।

କେବଳ ନନ୍ଦୀଗ୍ରାମ ନୁହେଁ, ଅନୁରୂପ ପରିସ୍ଥିତି ରେଜିନଗର ଉପନିର୍ବାଚନରେ ମଧ୍ୟ ଦେଖିବାକୁ ମିଳିଛି । ସେଠାରେ ଆମ ଜନତା ଉନ୍ନୟନ ପାର୍ଟି (ଆଜେୟୁପି) ପ୍ରାର୍ଥୀ ଗୋଲାମ ନବୀ ଆଜାଦଙ୍କ ସମର୍ଥକଙ୍କୁ ଗିରଫ କରାଯିବା ସହ ଦଳର ଜଣେ ବରିଷ୍ଠ ନେତାଙ୍କ ଗାଡିରୁ ବେଆଇନ ସାମଗ୍ରୀ ଜବତ ହୋଇଥିବା ପୋଲିସ ଦର୍ଶାଇଥିଲା । ପ୍ରଶାସନିକ ସ୍ତରରେ ଦେଖାଦେଇଥିବା ଏହି ଆଚରଣ କାରଣରୁ ଆଜେୟୁପି ନେତା ହୁମାୟୁନ କବୀର ନିର୍ବାଚନ ପ୍ରଚାରରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିଲେ । ଏହାବ୍ୟତୀତ ନିର୍ବାଚନ କମିଶନଙ୍କ ଦ୍ୱାରା ଦଳୀୟ ଚିହ୍ନ ପ୍ରଦାନରେ ସମସ୍ୟା ଦର୍ଶାଇ ଆରଏସପି ନିଜର ପ୍ରାର୍ଥୀ ପ୍ରତ୍ୟାହାର କରିନେଇଥିଲା। ଏହି ସମୟରେ ତୃଣମୂଳ କଂଗ୍ରେସର ଆଭ୍ୟନ୍ତରୀଣ ବିବାଦ ଏବଂ ବିଭାଜନ ରାଜନୈତିକ ସମୀକରଣକୁ ଆହୁରି ଜଟିଳ କରିଦେଇଛି । ନିର୍ବାଚନ କମିଶନ ତୃଣମୂଳ କଂଗ୍ରେସର ମୂଳ ନାମ ଏବଂ ଚିହ୍ନକୁ ସ୍ଥଗିତ ରଖିଛନ୍ତି । ରିତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଗଣତାନ୍ତ୍ରିକ ତୃଣମୂଳ କଂଗ୍ରେସକୁ ଏକ ନିର୍ଦ୍ଦିଷ୍ଟ ଚିହ୍ନ ପ୍ରଦାନ କରାଯାଇଛି, ଯାହାକୁ ନେଇ ବିବାଦ ଦେଖାଦେଇଥିଲା । ଇଣ୍ଡିଆନ ସେକୁଲାର ଫ୍ରଣ୍ଟ (ଆଇଏସଏଫ) ପୂର୍ବରୁ ବ୍ୟବହାର କରିଆସୁଥିବା ଚିହ୍ନକୁ ଅନ୍ୟ ଏକ ଗୋଷ୍ଠୀକୁ ପ୍ରଦାନ କରାଯିବା ଘଟଣା ନ୍ୟାୟାଳୟ ପର ?୍ୟନ୍ତ ଯାଇଥିଲା । କଲିକତା ହାଇକୋର୍ଟର ବିଚାରପତି ମଧ୍ୟ ନିର୍ବାଚନ କମିଶନଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ ଗୋଟିଏ ଦଳର ବ୍ୟବହୃତ ଚିହ୍ନ ଅନ୍ୟ ଏକ ଦଳକୁ ଦେବା ଦ୍ୱାରା ସେହି ଦଳକୁ ଅନୁଚିତ ଫାଇଦା ମିଳିବାର ସମ୍ଭାବନା ରହିଛି । ତଥାପି ଶେଷରେ ଆଇଏସଏଫଙ୍କୁ ଏକ ନୂଆ ଚିହ୍ନରେ ଲଢିବାକୁ ପଡୁଛି । ଏହି ସମସ୍ତ ଘଟଣାକ୍ରମ ନିର୍ବାଚନ ପରିଚାଳନା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି ଏବଂ ଶାସକ ଦଳର ପରୋକ୍ଷ ପ୍ରଭାବକୁ ଇଙ୍ଗିତ କରୁଛି ।

ଏହି ସମସ୍ତ ଘଟଣାକ୍ରମକୁ ଗଭୀର ଭାବରେ ବୁଝିବାକୁ ହେଲେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ତୃଣମୂଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ରାଜନୈତିକ ଉତ୍ଥାନ ଏବଂ ତାଙ୍କର କାର୍ଯ୍ୟଶୈଳୀର ଇତିହାସ ଉପରେ ନଜର ପକାଇବା ଆବଶ୍ୟକ । ୨୦୦୭ ମସିହାର ନନ୍ଦୀଗ୍ରାମ ଆନ୍ଦୋଳନ ସମୟରେ ସେ ତତ୍କାଳୀନ ବିରୋଧୀ ଦଳର ସଫଳତାର ମୁଖ୍ୟ ବିନ୍ଧାଣି ସାଜିଥିଲେ । ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପ ବିରୋଧରେ ହୋଇଥିବା ସେହି ଆନ୍ଦୋଳନ ଏବଂ କୃଷକମାନଙ୍କର ବିଦ୍ରୋହ ଶେଷରେ ବାମଫ୍ରଣ୍ଟ ସରକାରର ଦୀର୍ଘ ୩୪ ବର୍ଷର ଶାସନର ପତନ ଘଟାଇଥିଲା । ପରବର୍ତ୍ତୀ ସମୟରେ ସେ ଜଣେ ଦକ୍ଷ ତଥା ଆକ୍ରମଣାତ୍ମକ ସାଂଗଠନିକ ନେତା ଭାବରେ ଉଭା ହୋଇଥିଲେ । ୨୦୧୬ ମସିହାରେ ସେ ମୁର୍ଶିଦାବାଦ ଏବଂ ମାଲଦା ଭଳି ବିରୋଧୀ ଦଳର ଅଭେଦ୍ୟ ଗଡ଼ରେ ବିନା ନିର୍ବାଚନରେ କ୍ଷମତା ଦଖଲ କରିବାର ଏକ ନୂତନ ଧାରା ଆରମ୍ଭ କରିଥିଲେ । ସେଠାରେ ବ୍ୟାପକ ଦଳବଦଳ କରାଇ ଜିଲ୍ଲା ପରିଷଦଗୁଡିକୁ ନିଜ ଦଳର ନିୟନ୍ତ୍ରଣକୁ ଅଣାଯାଇଥିଲା । ଉଦାହରଣ ସ୍ୱରୂପ, ମୁର୍ଶିଦାବାଦରେ ବିରୋଧୀ ଦଳର ସଦସ୍ୟମାନଙ୍କୁ ସାମିଲ କରାଇ ୭୦ ଆସନ ବିଶିଷ୍ଟ ଜିଲ୍ଲା ପରିଷଦରେ ୩୯ଟି ଆସନ ହାତେଇ ନିଆଯାଇଥିଲା । ସେତେବେଳେ ମଧ୍ୟ ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଥିଲେ ଯେ ପ୍ରଶାସନିକ ଚାପ ଏବଂ ମକଦ୍ଦମାର ଭୟ ଦେଖାଇ ନେତାମାନଙ୍କୁ ଦଳବଦଳ କରିବାକୁ ବାଧ୍ୟ କରାଯାଉଛି । ମାଲଦାରେ ମଧ୍ୟ ସଂଖ୍ୟାଗରିଷ୍ଠତା ନଥାଇ ସୁଦ୍ଧା ଅନ୍ୟ ଦଳର ସଦସ୍ୟମାନଙ୍କୁ ନିଜ ଆଡକୁ ଆଣି ଜିଲ୍ଲା ପରିଷଦ ଦଖଲ କରାଯାଇଥିଲା । ଏହିସବୁ ତଥ୍ୟ ପ୍ରମାଣ କରେ ଯେ ସଂଗଠନକୁ ନିଜ ଆୟତ୍ତରେ ରଖିବା ପାଇଁ ପ୍ରଶାସନିକ କ୍ଷମତାର ବ୍ୟବହାର ଏକ ପୁରୁଣା ତଥା ପରୀକ୍ଷିତ ଅଭ୍ୟାସ ।

୨୦୧୮ ପଞ୍ଚାୟତ ନିର୍ବାଚନ ବେଳକୁ ଏହି ରଣନୀତି ଆହୁରି ବ୍ୟାପକ ରୂପ ନେଇଥିଲା । ସେତେବେଳେ ଖୋଲାଖୋଲି ଭାବରେ ଘୋଷଣା କରାଯାଇଥିଲା ଯେ ଯେଉଁ ଗ୍ରାମ ପଞ୍ଚାୟତଗୁଡିକ 'ବିରୋଧୀ-ଶୂନ୍ୟ' ହେବେ, ସେମାନଙ୍କୁ ବିକାଶ ପାଇଁ ୫ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯିବ । ଏହାର ପରିଣାମ ସ୍ୱରୂପ ରାଜ୍ୟର ୫୮,୬୯୨ ଗ୍ରାମାଞ୍ଚଳ ଆସନ ମଧ୍ୟରୁ ପ୍ରାୟ ୨୦,୧୫୯ ବା ୩୪ ପ୍ରତିଶତ ଆସନରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ପ୍ରାର୍ଥୀ ବିଜୟୀ ହୋଇଥିଲେ । ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଥିବା ବିରୋଧୀ ପ୍ରାର୍ଥୀମାନଙ୍କୁ ରାସ୍ତାରେ ଅଟକାଇବା ଭଳି ଘଟଣା ସେତେବେଳେ ସାଧାରଣ ପାଲଟିଥିଲା । ସୁପ୍ରିମକୋର୍ଟ ମଧ୍ୟ ଏହି ବ୍ୟାପକ ଅବରୋଧକୁ ଏକ ଗମ୍ଭୀର ପ୍ରସଙ୍ଗ ବୋଲି ଦର୍ଶାଇଥିଲେ ।

ଅତୀତ ଏବଂ ବର୍ତ୍ତମାନ ମଧ୍ୟରେ ପାର୍ଥକ୍ୟ କେବଳ ଏତିକି ଯେ, ପୂର୍ବରୁ ଦଳୀୟ ସମର୍ଥକମାନଙ୍କୁ ବ୍ୟବହାର କରି ବିରୋଧୀଙ୍କୁ ନିୟନ୍ତ୍ରଣ କରାଯାଉଥିଲା, କିନ୍ତୁ ଏବେ ପ୍ରଶାସନିକ କଳର ଅଧିକ ସୂକ୍ଷ୍ମ ତଥା ବ୍ୟବସ୍ଥିତ ଉପଯୋଗ ମାଧ୍ୟମରେ ସେମାନଙ୍କୁ ନିଷ୍କ୍ରିୟ କରାଯାଉଛି । ଦୁଇ ଦଶନ୍ଧି ତଳର ପୁରୁଣା ୱାରେଣ୍ଟକୁ ଖୋଜି ବାହାର କରି କାର୍ଯ୍ୟକାରୀ କରିବା, ନିର୍ବାଚନୀ ଚିହ୍ନ ଆବଣ୍ଟନରେ ଜଟିଳତା ସୃଷ୍ଟି କରିବା ଏବଂ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ପ୍ରଚାରକମାନଙ୍କୁ ଅଟକାଇବା ଭଳି ପଦକ୍ଷେପ ଏହାର ଜ୍ୱଳନ୍ତ ଉଦାହରଣ ଅଟେ । ଗଣତନ୍ତ୍ରରେ ନିର୍ବାଚନ ହେଉଛି ଜନମତର ପ୍ରତିଫଳନ ଏବଂ ଲୋକଙ୍କ ନିକଟରେ ନିଜର ମତ ରଖିବାର ଏକ ମୁକ୍ତ ମଞ୍ଚ । କିନ୍ତୁ ପଶ୍ଚିମବଙ୍ଗରେ ଏହା ଏବେ ପୋଲିସ ଷ୍ଟେସନ ଏବଂ କୋର୍ଟ କଚେରୀର ଆଇନଗତ ଲଢ଼େଇରେ ପରିଣତ ହୋଇଥିବା ପରି ମନେହେଉଛି । ଯେଉଁ ନେତାମାନେ ଦିନେ ଗଣତାନ୍ତ୍ରିକ ଅଧିକାର ପାଇଁ ରାସ୍ତାକୁ ଓହ୍ଲାଉଥିଲେ, ଆଜି ସେମାନେ କ୍ଷମତାର ଶୀର୍ଷରେ ପହଞ୍ଚିବା ପରେ ପ୍ରଶାସନିକ ବ୍ୟବସ୍ଥାକୁ ନିଜ ଅନୁକୂଳରେ ପରିଚାଳିତ କରୁଥିବା ଭଳି ପ୍ରତୀୟମାନ ହେଉଛି । ନିର୍ବାଚନ କମିଶନଙ୍କ ଭୂମିକା ମଧ୍ୟ ଏଠାରେ ଆଲୋଚନାର ପରିସରକୁ ଆସିଛି, କାରଣ ଏକ ନିରପେକ୍ଷ ସଂସ୍ଥା ଭାବରେ ସମସ୍ତ ଦଳକୁ ସମାନ ସୁଯୋଗ ପ୍ରଦାନ କରିବା ସେମାନଙ୍କର ସାମ୍ବିଧାନିକ ଦାୟିତ୍ୱ ଅଟେ ।

ପରିଶେଷରେ ଏହା କୁହାଯାଇପାରେ ଯେ ନନ୍ଦୀଗ୍ରାମ ଏବଂ ରେଜିନଗର ଉପନିର୍ବାଚନ କେବଳ ଦୁଇଟି ବିଧାନସଭା ଆସନର ଫଳାଫଳ ନିର୍ଦ୍ଧାରଣ କରିବ ନାହିଁ, ବରଂ ଏହା ରାଜ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଭବିଷ୍ୟତ ଉପରେ ଏକ ବ୍ୟାପକ ପ୍ରଭାବ ପକାଇବ । ବର୍ତ୍ତମାନର ରାଜନୈତିକ ପରିସ୍ଥିତି ପ୍ରମାଣ କରୁଛି ଯେ କ୍ଷମତାରେ ଥିବା ବ୍ୟବସ୍ଥା ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ କିପରି ସରକାରୀ କଳର ବ୍ୟବହାର କରିପାରେ । ବିରୋଧୀମାନଙ୍କୁ ଆଇନଗତ ପ୍ରକ୍ରିୟାରେ ବାନ୍ଧି ରଖିବା, ସେମାନଙ୍କର ମନୋବଳ ଭାଙ୍ଗିବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ନିଜ ସପକ୍ଷରେ ପ୍ରଭାବିତ କରିବାର ଏହି ଧାରା ଯଦି ଅବ୍ୟାହତ ରହେ, ତେବେ ଏହା ସୁସ୍ଥ ଗଣତନ୍ତ୍ର ପାଇଁ ଆଦୌ ଅନୁକୂଳ ନୁହେଁ । ନିର୍ବାଚନ ଆୟୋଗ ଏବଂ ନ୍ୟାୟପାଳିକା ଭଳି ସାମ୍ବିଧାନିକ ସଂସ୍ଥାଗୁଡିକୁ ଏହି କ୍ଷେତ୍ରରେ ଅଧିକ ସକ୍ରିୟ ଏବଂ ନିରପେକ୍ଷ ଭୂମିକା ଗ୍ରହଣ କରିବାର ଜରୁରୀ ଆବଶ୍ୟକତା ରହିଛି । ଲୋକମାନଙ୍କର ମତଦାନ ଅଧିକାରକୁ ସୁରକ୍ଷିତ ରଖିବା, ବିରୋଧୀ ଦଳଗୁଡିକୁ ନିର୍ଭୟରେ ପ୍ରଚାର କରିବାର ସୁଯୋଗ ଦେବା ଏବଂ ଏକ ଅବାଧ ତଥା ମୁକ୍ତ ନିର୍ବାଚନ ସୁନିଶ୍ଚିତ କରିବା ହିଁ ବର୍ତ୍ତମାନର ସବୁଠାରୁ ବଡ଼ ଆହ୍ୱାନ । ଯଦି ପ୍ରଶାସନିକ କଳର ଏପରି ଉପଯୋଗକୁ ସନ୍ତୁଳିତ କରା ନଯାଏ, ତେବେ ପଶ୍ଚିମବଙ୍ଗର ରାଜନୀତିରେ ଆଇନଗତ ତଥା ପ୍ରଶାସନିକ ନିୟନ୍ତ୍ରଣର ଏକ ନୂତନ ପରମ୍ପରା ସୃଷ୍ଟି ହେବ, ଯାହା ସାଧାରଣ ଜନତାଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୀମିତ କରିଦେବ ।



# ମଣିଷ ଏବଂ ବାଘୁଣୀ 'ଖଇରୀ' ଅମର ସମ୍ପର୍କ



ଇଂ ସତ୍ୟନାରାୟଣ ମାଝୀ

ବୃକ୍ଷଲତା, ପଶୁପକ୍ଷୀ ଓ ନଦନଦୀକୁ ନେଇ ଗଠିତ ଆମର ଏହି ପ୍ରାକୃତିକ ପୃଥିବୀରେ ମଣିଷ ଓ ବନ୍ୟପ୍ରାଣୀଙ୍କ ସମ୍ପର୍କ ସବୁବେଳେ ଏକ ରହସ୍ୟମୟ ମଣିଷ ଓ ହିଂସ୍ର ପଶୁପକ୍ଷୀଙ୍କର ସମ୍ପର୍କ ନେଇ ଅନେକ ଆକର୍ଷଣୀୟ ବିଷୟ ହୋଇ ମଧ୍ୟ ରହିଛି। ସାଧାରଣତଃ ଜଙ୍ଗଲର ହିଂସ୍ର ପଶୁମାନଙ୍କ ନାମ ଶୁଣିଲେ ମଣିଷ ମନରେ ଭୟ ସୃଷ୍ଟି ହୋଇଥାଏ।

କିନ୍ତୁ ଓଡ଼ିଶାର ଗୌରବ, ପ୍ରକୃତି ରାଣୀ ଶିମିଳିପାଳର ଅମର କାହାଣୀ ଏହାର ଏକ ବ୍ୟତିକ୍ରମ ସୃଷ୍ଟି କରିଥିଲା। ବିଶିଷ୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ପଦ୍ମଶ୍ରୀ ସରୋଜରାଜ ଚୌଧୁରୀ, ତାଙ୍କର ଧର୍ମପତ୍ନୀ ନିହାରନଳିନୀ ଦେବୀ ଏବଂ ପାଳିତ ବାଘୁଣୀ 'ଖଇରୀ' ଅତୁଟ ସମ୍ପର୍କ ନିଆରା ଥିଲା। ମାତୃତ୍ୱର ଅନ୍ତହୀନ ସ୍ନେହ ଏବଂ ନିଷ୍କପଟ ବିଶ୍ୱାସ ଆଗରେ ଯେ ପଶୁର ସହଜାତ ହିଂସ୍ରତା ମଧ୍ୟ ହାର ମାନିପାରେ, ଖଇରୀ ଏହାର ଏକ ଜ୍ୱଳନ୍ତ ଉଦାହରଣ ଥିଲା।

୧୯୭୪ ମସିହା ଅକ୍ଟୋବର ୫ ତାରିଖର କଥା। ମୟୂରଭଞ୍ଜ ଜିଲ୍ଲାର ଗଭୀର ଅରଣ୍ୟ ଘେରା ଶିମିଳିପାଳର ଏକ ପାହାଡ଼ପର୍ବତରୁ ଖଡ଼ିଆ ସମ୍ପ୍ରଦାୟର କିଛି ସ୍ଥାନୀୟ ଜନଜାତିର ଲୋକ କିଛି କାମ କରୁଥିବା ବେଳେ ଏକ କ୍ଷୁଦ୍ର, ଅସହାୟ ବାଘଛୁଆକୁ ପାଇଥିଲେ। ସେତେବେଳେ ଶିମିଳିପାଳରେ 'ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ' ଆରମ୍ଭ ହୋଇଥିଲା ଏବଂ ଏହାର ପ୍ରଥମ କ୍ଷେତ୍ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଥିଲେ ପ୍ରସିଦ୍ଧ ବନ୍ୟପ୍ରଣୀ ବିଶେଷଜ୍ଞ ପଦ୍ମଶ୍ରୀ ସରୋଜରାଜ ଚୌଧୁରୀ। ସ୍ଥାନୀୟ ଲୋକମାନେ ସେହି ବାଘଛୁଆକୁ ଆସି ଯଶିପୁର ବନ ବିଭାଗ ବଙ୍ଗଳାରେ ରହୁଥିବା ଶ୍ରୀ ଚୌଧୁରୀଙ୍କୁ ହସ୍ତାନ୍ତର କରିଥିଲେ। ଶିମିଳିପାଳର ପ୍ରସିଦ୍ଧ ଖଇରୀ ନଦୀକୂଳରୁ ଏହି ବାଘଛୁଆଟି ମିଳିଥିବାରୁ, ସେତେବେଳେ ଏହାର ନାମକରଣ କରାଯାଇଥିଲା 'ଖଇରୀ'। ସେ ସମୟରେ ଭାରତବର୍ଷରେ କୌଣସି ଜଙ୍ଗଲୀ ବାଘଛୁଆକୁ ଘରେ ଆଣି ମଣିଷ ପିଲା ପରି ପୋଷି ବଡ଼ କରିବା ଏକ ଅତ୍ୟନ୍ତ ବିରଳ, ଅଭୂତପୂର୍ବ ଏବଂ ସାହସିକ ପଦକ୍ଷେପ ଥିଲା। ବଣର ବାଘକୁ ଘରର ଗେହ୍ଲାଛୁଆ ପରି ବଡ଼ କରିବାର ସମସ୍ତ ଦାୟିତ୍ୱ ନେଇଥିଲେ ସରୋଜରାଜ ଚୌଧୁରୀଙ୍କ ଧର୍ମପତ୍ନୀ ସ୍ୱର୍ଗତ ନିହାରନଳିନୀ ଦେବୀ। ତାଙ୍କର ମାତୃହୀନ ପ୍ରାଣ ଏହି କ୍ଷୁଦ୍ର ବାଘଛୁଆଟି ପ୍ରତି ବାତ୍ସଲ୍ୟରେ ଭରିଗଲା। ପ୍ରଥମ ଅବସ୍ଥାରେ ଖଇରୀକୁ କୁକୁଡ଼ା ମାଂସରେ ଅମୁଲ କ୍ଷୀର ମିଶାଇ ଏବଂ ବେଳେବେଳେ ବୋତଲରେ କ୍ଷୀର ପିଆଇ ଲାଳନପାଳନ କରାଯାଉଥିଲା। ଖଇରୀ କ୍ରମଶଃ ମଣିଷ ପିଲା ପରି ନିହାରନଳିନୀଙ୍କ ହାତରୁ ଖାଦ୍ୟ ଖାଇବାକୁ ଶିଖିଗଲା। ସେ ଘରର ବାରଣ୍ଡାରେ, ଶେଯରେ ଏପରିକି ମା'ଙ୍କ କୋଳରେ ଆରାମରେ ଶୋଉଥିଲା।

ନିହାରନଳିନୀ ଦେବୀ ପ୍ରେମରେ ଢ଼ଳି ପଡ଼ି 'ଲୋ ଖଇରୀ--ଲୋ ଖଇରୀ--- ଆଆ' ବୋଲି ଯେତେବେଳେ ଡାକୁଥିଲେ, ସେତେବେଳେ ଜଙ୍ଗଲରୁ ଦୂରରେ ଥିଲେ ମଧ୍ୟ ସେ ଦୌଡ଼ି ଆସୁଥିଲା। ଏହି ଅପୂର୍ବ ଦୃଶ୍ୟ ଦେଖିବା ପାଇଁ ଦେଶର କୋଣକୋଣରୁ ଏବଂ ବିଦେଶରୁ ମଧ୍ୟ ବନ୍ୟପ୍ରାଣୀ ପ୍ରେମୀ, ବୈଜ୍ଞାନିକ ଓ ପର୍ଯ୍ୟଟକମାନେ ଶିମିଳିପାଳ ଛୁଟି ଆସୁଥିଲେ। ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ନନ୍ଦିନୀ ଶତପଥୀ ମଧ୍ୟ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଖଇରୀକୁ ନିଜ ହାତରେ ଧରି ଏହାର ଅଲୌକିକତାକୁ ଅନୁଭବ କରିଥିଲେ। ଖଇରୀ ଯେତେ ବଡ଼ ହେବାକୁଲାଗିଲା, ତାର ଶରୀର ଓ ଆଚରଣରେ ବାଘର ସହଜାତ ଗୁଣ ପ୍ରକାଶ ପାଇବା ସ୍ୱାଭାବିକ ଥିଲା। ମାତ୍ର ସରୋଜରାଜ ଚୌଧୁରୀ ଏବଂ ତାଙ୍କ ପତ୍ନୀ କେବେବି ଖଇରୀକୁ କୌଣସି ଜଂଜିରରେ ବାନ୍ଧି ରଖି ନଥିଲେ। ତାକୁ ସମ୍ପୂର୍ଣ୍ଣ ମୁକ୍ତ ଭାବେ ଜଙ୍ଗଲରେ ବୁଲିବାକୁ ଛାଡ଼ି ଦିଆଯାଉଥିଲା। ବନ ବିଭାଗ କାର୍ଯ୍ୟରେ ସରୋଜରାଜ ଚୌଧୁରୀ ଜଙ୍ଗଲ ପରିଦର୍ଶନକୁ ଗଲେ ଖଇରୀ ତାଙ୍କ ଜିପ୍ ? ପଛରେ ବସି ଯାଉଥିଲା। ଅନେକ ଥର ତାକୁ ଜଙ୍ଗଲରେ ଛାଡ଼ିଆସିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ, ତା'ର ମାଲିକ ଓ ପାଳନକର୍ତ୍ତାଙ୍କ ପ୍ରତି ଥିବା ଅଫୁରନ୍ତ ଭଲପାଇବା ଯୋଗୁଁ ସେ ପୁଣି ଘରକୁ ଫେରିଆସୁଥିଲା। ଏହା ପ୍ରମାଣ କଲା ଯେ ପ୍ରେମ ଓ ବିଶ୍ୱାସ ଆଗରେ ଜଙ୍ଗଲୀ ପଶୁର ବନ୍ୟତା ମଧ୍ୟ ନିଜର ଦୃଢ଼ତା ହରାଇଦିଏ।

ଜୀବନର ସବୁଠାରୁ ସୁନ୍ଦର ମୁହୂର୍ତ୍ତଗୁଡ଼ିକ ଚୌଧୁରୀ ପରିବାର ସହିତ ବିତାଇବା ପରେ ଖଇରୀର ଜୀବନରେ ଏକ ଦୁଃଖଦ ଅଧ୍ୟାୟ ମାଡ଼ିଆସିଲା। ୧୯୮୧ ମସିହା ମାର୍ଚ୍ଚ ୨୮ ତାରିଖରେ ମାତ୍ର ସାଢ଼େ ଛଅ ବର୍ଷ ବୟସରେ ଏକ ପାଗଳ କୁକୁରର ଆକ୍ରମଣ ବା କାମୁଡ଼ା ଯୋଗୁଁ ଖଇରୀ ଦେହରେ ଜଳାତଙ୍କ ରୋଗର ମାରାତ୍ମକ ଲକ୍ଷଣ ପ୍ରକାଶ ପାଇଲା। ଏହି ଭୟଙ୍କର ରୋଗର ପ୍ରଭାବରେ ଖଇରୀର ସ୍ୱଭାବରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିଲା ଏବଂ ସେ କିଛି କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କଲା। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତାକୁ କାବୁ କରିବା ପାଇଁ ଟ୍ରାଙ୍କୁଲାଇଜର (ଶାନ୍ତକାରୀ ଇଞ୍ଜେକ୍ସନ୍) ଦିଆଗଲା। କିନ୍ତୁ ଦୁର୍ଭାଗ୍ୟବଶତଃ, ସେହି ଅବସ୍ଥାରେ ହିଁ ସମସ୍ତଙ୍କର ପ୍ରିୟ 'ଖଇରୀ' ଏହି ମର୍ତ୍ତ୍ୟଧାମରୁ ଚିରଦିନ ପାଇଁ ବିଦାୟ ନେଲା। ଏହି ଘଟଣା ସେତେବେଳେ ସାରା ଦେଶରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା।

ଆଜି ଖଇରୀ ଆମ ଗହଣରେ ନାହିଁ ପାଳନକର୍ତ୍ତା ପଦ୍ମଶ୍ରୀ ସରୋଜରାଜ ଚୌଧୁରୀ ତଥା ନିହାରନଳିନୀ ଦେବୀ ମଧ୍ୟ ଇହଧାମରେ ନାହାନ୍ତି । କିନ୍ତୁ ଶିମିଳିପାଳର ମାଟିରେ ଖଇରୀର କାହାଣୀ ଏକ ଜୀବନ୍ତ କିମ୍ବଦନ୍ତୀ ହୋଇ ରହିଯାଇଛି। ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ କିପରି ଶତ୍ରୁତା ପରିବର୍ତ୍ତେ ନିଷ୍କପଟ ପ୍ରେମ, ସହାନୁଭୂତି ଏବଂ ବିଶ୍ୱାସର ସେତୁ ବନ୍ଧାଯାଇପାରେ, ତାର ସର୍ବଶ୍ରେଷ୍ଠ ଉଦାହରଣ ହେଉଛି ଖଇରୀର ଜୀବନୀ। ଶିମିଳିପାଳର ଇତିହାସରେ ଏହି ମନୁଷ୍ୟ ଓ ବନ୍ୟପ୍ରାଣୀ ପ୍ରେମର ଅନନ୍ୟ ଗାଥା ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଉଥିବ।

ସ୍ଥାୟୀ କମିଟି ସଦସ୍ୟ, ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ଼,
ଏକତାଳି, ଯଶିପୁର, ମୟୂରଭଞ୍ଜ

# ଅନ୍ତର୍ଜାତୀୟ ଶିକ୍ଷକ ଦିବସ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର

ୟୁନେସ୍କୋ ଓ ଏଜୁକେସନ ଇଣ୍ଟରନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତି ବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ। ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରି ପାରିବେନାହିଁ। ତେଣୁ ଶିକ୍ଷକ ମାନଙ୍କ ସମ୍ମାନାର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏଜୁକେସନ ଇଣ୍ଟରନେସନାଲର ସଦସ୍ୟ ସଂସ୍ଥା ସଂଖ୍ୟା ୪୦୧। ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି।

ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍ଭାସିତ ହୁଏ ନାହିଁ। ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା? ସେ ପ୍ରବୃତ୍ତି ଅଭିଭୂତିର ଉର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି। ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ। ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ। ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି । ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ। ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୃତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ। ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ ।

ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଚଳନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ - ମୁଁ ଯାହା ଜାଣେ ତାହା ତୁମକୁ କହିଲି। କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ । ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

+ପ୍ରତିରତ୍ୱିକ, କଟକ,
ମୋ: ୯୪୩୭୦୫୧୯୫୭

# ଖେଳ କୁଦରେ ଆମ ଦେଶ କେବେ ଚୀନ ଏବଂ ଜାପାନର ପାଖାପାଖି ପହଞ୍ଚିବ ?



ସୁବ୍ରତ କର

ଏବେ ଏବେ ଜାପାନରେ ଏସୀୟ କ୍ରୀଡ଼ା ଚାଲିଛି । ଆସନ୍ତା କାଲି (ରବିବାର) ଉଦଯାପନ ଉତ୍ସବ ପାଳନ କରାଯିବ। ଆଜି କିନ୍ତୁ (ଶନିବାର)ଆମ ଦେଶ ଦୁଇଟି କ୍ରିକେଟ ମ୍ୟାଚ ଖେଳିବାକୁ ଯାଉଛି । ଏସୀୟ କ୍ରୀଡ଼ାରେ ଜାପାନ ଠାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଟି୨୦ ଫାଇନାଲ ଖେଳ ହେବାକୁ ଯାଉଛି ଆରଟି ପଞ୍ଜାବରେ ୱେଷ୍ଟଇଣ୍ଡିଜ୍ ସହିତ ଖେଳିବ। ଏହି ଏସୀୟ କ୍ରୀଡ଼ାରେ ଚୀନ ସ୍ୱର୍ଣ୍ଣ ୧୬୨, ରୌପ୍ୟ ୮୧ ଏବଂ କାଂସୀ ୭୩ଟି ମେଡେଲ ଜିତି ମୋଟ ୩୧୬ରେ ପହଞ୍ଚି ପାରିଛି । ସେହିପରି ଜାପାନ ୭୨ ସ୍ୱର୍ଣ, ୮୩ ରୌପ୍ୟ ଏବଂ ୮୫ଟି କାଂସ୍ୟ ପାଇ ମୋଟ ୨୪୦ରେ ପହଞ୍ଚି ପାରିଛି । ଏମାନଙ୍କ ସହିତ ଆମ ଦେଶର ମେଡେଲ ସଂଖ୍ୟା ହେଲା ୭୯ଟି । ଏହା ମଧ୍ୟରୁ ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଏବଂ ୩୫ଟି କାଂସ୍ୟ ପାଇ ମୋଟ ୭୯ରେ ପହଞ୍ଚି ପାରିଛି । ଏବେ ସୁଦ୍ଧା (ଆଉ ଦୁଇ ଦିନ ବାକି ଅଛି) ଆମ ଦେଶ ୫ମ ସ୍ଥାନରେ ଅଛି । ଆମ ୩ନଂରେ ଏବଂ ଉଜବେକିସ୍ଥାନ ୪ର୍ଥ ସ୍ଥାନରେ ଅଛନ୍ତି। ଏବେ ପ୍ରଶ୍ନ ଉଠୁଛି ଜାପାନ ହେଉ କୋରିଆ ହେଉ ଏମାନେ ଆମ ଦେଶ ତୁଳନାରେ ଜନସଂଖ୍ୟା ହେଉ ବା ଆୟତନରେ କେତେ କମ ଏବଂ ଛୋଟ ଏହା ସମସ୍ତଙ୍କୁ ଜଣା । ଚୀନ କଥା ଟିକିଏ ଅଲଗା ହୋଇପାରେ କାରଣ ଜନସଂଖ୍ୟା ବା ଆୟତନରେ ଚୀନ ଆମଠୁ ଅଧିକ ଏବଂ ବଡ଼ । ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଦୋଷ ତୃଟି କାହା ପାଖରେ ? ଏହା ପାଇ ସରକାରୀ ଦାୟୀ ନା ଖେଳ କୁଦ ସଂସ୍ଥା ଦାୟୀ । କେତେଗୁଡ଼ିଏ କ୍ଷେତ୍ରରେ ଆମେ ନିଶ୍ଚୟ ଆଗରେ ଅଛୁ ଏବଂ ସେଗୁଡ଼ିକ ହେଲା ହକି, କ୍ରିକେଟ, କୁସ୍ତୀ, ତୀରବାଜୀ ଏବଂ ବକ୍ସିଂ ଭଳି ଖେଳ । କିନ୍ତୁ ଏଥେଲେଟିକ୍ସ କ୍ଷେତ୍ରରେ ଆମେ ବହୁତ ପଛରେ। ଦଳଗତ ଖେଳରେ ଆମେ ଭଲ କରୁଛୁ କିନ୍ତୁ ଜଣକିଆ ଖେଳରେ ଆମର ପଦକ ଆଶା ନୈରାଶ୍ୟଜନକ । ଏମିତି କାହିଁକି ହେଉଛି ଏବଂ ଏପରି ଆମେ କେତେଦିନ ଚୀନ ଏବଂ ଜାପାନର ପାଖ ମାଡ଼ିପାରିବା ନାହିଁ । ଏହାପାଇଁ ସରକାର ହେଉ ବା ଯେଉଁମାନେ ଖେଳ କୁଦ ସଂସ୍ଥାର ଗାଦି ମାଡ଼ି ବସିଛନ୍ତି ସେମାନଙ୍କର କଣ କିଛି ଦାୟିତ୍ୱ ନାହିଁ ? ଖେଳ ଦାୟିତ୍ୱରେ ଥିବା ମନ୍ତ୍ରୀ, ସେକ୍ରେଟେରୀ ବା ନିର୍ଦ୍ଦେଶକ ମାନେ କାହିଁକି କିଛି ଚିନ୍ତା କରୁ ନାହାନ୍ତି ? ଏମିତି ଆମେ ଆନ୍ତର୍ଜାତିକ ସ୍ତରରେ ଅପମାନିତ ହୋଇ ଚାଲିଥିବା ? ଏବେ ସମୟ ଆସିଛି ସରକାର ହେଉ ବା ଖେଳ ସଂସ୍ଥା ହେଉ ଏହା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଖେଳ ବିଭାଗର ବଜେଟ ବଢ଼ାଇବାର ଅଛି ଏବଂ ଆମ ପିଲାମାନଙ୍କୁ ସବୁ ପ୍ରକାରର ସୁବିଧା ସୁଯୋଗ ଦେବାର ବ୍ୟବସ୍ଥା କରିବା ଉଚିତ । କ୍ରୀଡ଼ା କ୍ଷେତ୍ରରେ ଆମେ ଆଉ ଦଶ ବର୍ଷ ଭିତରେ ଚୀନ ଜାପାନର ପାଖପାଖି ପହଞ୍ଚିବା ଉଚିତ ।

କବିତା କୋଣାର୍କ

## ଭଲପାଇ ଭୁଲିଗଲ

ନୀଳମଣି ଚାନ୍ଦ



ଭଲପାଇ ଏତେ ଭୁଲିଗଲ ସତେ
କୁହ କିଆଁ ମୋତେ ପ୍ରିୟା
ଦେଖ ଥରେ ଆସି କେମିତି ଜଳାଏ
ମୋତେ ବିରହର ନିଆଁ।
ଦିନ ଥିଲା ତୁମେ ପ୍ରାଣଠାରୁ ବେଶି
ପାଉଥିଲ ମୋତେ ଭଲ
ଏମିତି କୋମଳ ହୃଦୟକୁ ତୁମ
କେମିତି ପାଷାଣ କଲ
ହେଲେ ଥରୁଟିଏ ପଚାରି ଗଲନି
ମୁଁ ନିରବେ କାନ୍ଦେ କିଆଁ ।
ସେଦିନର କଥା ଭାବିଲେ ଆଜିରେ
କେମିତି କେମିତି ଲାଗେ
ଅତୀତର ସ୍ମୃତି ରୋମନ୍ଥନ କରି
ମନେ ମୋ'ର ପ୍ରୀତି ଜାଗେ
ତୁମ ସେହି ପ୍ରୀତି ଗାଏନାହିଁ ଗୀତି
ମନରେ ଲଗାଏ ଡିଆଁ ।
ଭଲ ପାଇ ଯଦି ଭୁଲିଯିବା ହୁଏ
ପ୍ରେମ ଦୁନିଆର ରୀତି
କହିବି ସେମିତି ପ୍ରେମର ମୀନାର
ଗଢ଼ା ନହେଉରେ ନିତି
ଶାଶ୍ୱତ ପ୍ରେମର ନୂତନ ଅଧ୍ୟାୟ
ଲେଖାଯାଉ ହୋଇ ନୂଆ ।

+ ମନ୍ତ୍ର ମାନୋର,
ଗୋଠପାଟଣା, ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଯନ୍ତ୍ରଣାର କାରାଗାରେ

ସୁଧାକର ରାଉତ

କେତେ ଆଉ ପୋଛୁଥିବି
ତୁମର ସେ ଅସରା ଲୁହ
ଥରେ ଦେଖ ତ
ମୋର ସେ ଛୋଟ ପଣତରେ ବି
ଭର୍ତ୍ତି ହେଲାଣି ଅସୁମାରୀ କୋହ ।

ମୁଁ ନିଜକୁ ତୁମ ପାଖେ ସମର୍ପି ଦେଇ
ଫୁଲର ଚାଦର ଦେଇଥିଲି ବିଛାଇ
ମେଘୁଆ ଆକାଶ କୁ ତୁମ ନିର୍ମଳ କରାଇ
ନିଜ ମନ ଅଗଣା କଥା ମନରୁ ଲିଭେଇ।
ବୋଧହୁଏ ସେଇଥି ଲାଗି
ମୋ ନିରବତାରେ
ବସା ବାନ୍ଧେ ସନ୍ଦେହ
ମୁଁ କିନ୍ତୁ ସ୍ୱପ୍ନ ଦେଖେ ସମ୍ମୋହନର
ତୁମ ପ୍ରୀତିଭରା ସମ୍ବନ୍ଧର ।
ମୋ ମନ ମୟୂରୀ ଝଟପଟ
ତୁମ ଯନ୍ତ୍ରଣାରେ
ମୋ ସୁନାର ସୋରିଷକ୍ଷେତ ଉଜୁଡେ ତୁମ
ବୀତସ୍ପୃହ ଭାବରେ
ମୋ ହୃଦ ସର
ଶୁଖେ ତୁମ ହାହତାଶରେ
ତେବେ କାହିଁକି ମୌନତାର ଅଭିନୟ।
ଥରେ ଦେଖ ସେ ବନ୍ଦ ଗବାକ୍ଷ ଖୋଲି
ତୁମ ମନ ଆଖିର ପକ୍ଷ ମେଲି
ମୁଁ ତୁ ହୃଦୟ ପ୍ରେୟସୀ
ତୁମ ପ୍ରତୀକ୍ଷାରେ ଜଳେ ଅହର୍ନିଶି ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

ଶ୍ରୀନିବାସ ସେଠୀ

# ପରିଚିତ ସ୍ୱର





ନୂଆ ଫ୍ଲାଟ୍‌କୁ ଆସିଲା ପରେ ଦେଖିଲି ମୋ ନିଜ ପସନ୍ଦର ସବୁ କିଛି ଠିକ୍ ଅଛି । ମୋ ନିଜ ଘର ବୋଲି ବହୁତ ଖୁସି ହେଲି। ଏତେ ମହଙ୍ଗା ସମୟରେ କଲିକତା ଭଳି ସହରରେ ନିଜର ବୋଲି ଗୋଟିଏ ଘର ରହିବା ବଡ଼ ଭାଗ୍ୟର କଥା ।

ନୂଆ ଘରେ ସବୁ ଠିକ୍ ଥିଲା । ମୋ ସାତ ମହଲା ଫ୍ଲାଟ୍ ପଡୋଶୀ ମଧ୍ୟ ଖୁବ୍ ମେଳାପି, ପର ଉପକାରୀ ଓ ସଦା ସାହାଯ୍ୟ ପାଇଁ ଆଗଭର ଥିଲେ ।

ସବୁ ଠିକ୍ ଭିତରେ ଗୋଟିଏ ଅସୁବିଧା ଥିଲା ।

ପଡୋଶୀ ପଟ୍ଟନାୟକ ବାବୁଙ୍କ କୁକୁରଟି ବେଳ ଅବେଳରେ ଜୋର୍ ଜୋରରେ ଭୋକେ । ସଂଧ୍ୟା, ସକାଳ, ରାତି ଏଇମିତି ରାତି ଏଗାରଟା ଯାଏ ଭୋକେ । ପୁଣି ସକାଳେ ସାଢ଼େ ଚାରିଟା ବେଳେ ମୁଁ ଯେତେବେଳେ ଗହଳ ନିଦରେ ଶୋଇଥାଏ ହଠାତ୍ ଜୋରରେ ଭୋକିବା ଆରମ୍ଭ କରେ। ମୋର ନିଦ ପତଳା। ନିଦ ଭାଙ୍ଗିଯାଏ । ପୁଣି ନିଦ ହୁଏନି । ପ୍ରଥମେ ପ୍ରଥମେ ଭାବୁଥିଲି ହୁଏତ କିଛି ଦିନ ପରେ ସବୁ ଠିକ୍ ହୋଇଯିବ । କିନ୍ତୁ କିଛି ଠିକ୍ ହେଲାନି । ମୁଁ ଶୀଘ୍ର ଖାଇ ଶୋଇପଡ଼େ । ଠିକ୍ ରାତି ଏଗାରଟା ବେଳେ ମୋର ନିଦ ଭାଙ୍ଗିଯାଏ । ମୁଁ ଦିନେ ବିରକ୍ତ ହୋଇ ପଟ୍ଟନାୟକ ବାବୁଙ୍କୁ କହିଲି ସେ କଥା । ସେ ବଡ଼ ଅସହାୟ ହୋଇ ମୋତେ ଅନାଇଲେ । ମୁଁ ତାଙ୍କ ଅସହାୟତା ବୁଝି ପାରୁଥିଲି । ସେ କୁକୁରକୁ ନିଜ ଛୁଆ ପରି ପାଳିଛନ୍ତି । ତାକୁ ଅନ୍ୟ ଆଡ଼େ ନେଇ ବୁଲା କୁକୁରଙ୍କ ମେଳରେ ଛାଡ଼ି ଆସିବାକୁ ଚାହୁଁ ନଥିଲେ । ଏପଟେ ମୋ ପରି ପଡୋଶୀ ମାନଙ୍କ ଅସନ୍ତୁଷ୍ଟ ମଧ ସହି ପାରୁ ନଥିଲେ। ସେ ମୋତେ ସାମନାସାମନି ହେଲେ ପୁଣି ସେ କୁକୁର ବିଷୟରେ କଣ ନିଷ୍ପତ୍ତି ନେଲେ ବୋଲି କୁଆଡେ ପଚାରି ଦେବି, ସେଇ ଡରରେ ସେ ମୋତେ ଦେଖି ଅନ୍ୟ ରସ୍ତାରେ ଚାଲି ଯାଉଥିଲେ। ମୋର ସାମନାସାମନି ହେବାକୁ ଡରୁଥିଲେ । ମୁଁ ତାଙ୍କ ମନରେ ଅବସ୍ଥା ବୁଝି ପାରୁଥିଲି । ତେଣୁ ଚୁପ୍ ରହିଲି ।

ଯାହା ହେଉ ଅଳ୍ପ ଦିନ ପରେ ମୁଁ ଅଳ୍ପ ବହୁତ ଦେହସୁହା ହୋଇ ଯାଇଥିଲି ସେହି କୁକୁର ଭୋକିବା ଶବ୍ଦରେ। ମୁଁ ରାତି ଏଗାରଟାରେ ଶୋଇପଡ଼େ ପୁଣି ରାତି ଚାରିଟାରେ ଉଠି ପ୍ରାଣାୟାମ ଓ ଯୋଗାଭ୍ୟାସ କରେ । ସକାଳେ ସକାଳେ ପୁଣି ମର୍ଣ୍ଣିଂ ୱାକ୍‌ରେ ବାହାରିଥାଏ ।

x x x x

ହଠାତ୍ କିଛି ଦିନ ହେଲା ଆଉ କୁକୁର ଭୋକିବାର ଶବ୍ଦ ମୁଁ ଆଉ ଶୁଣିବାକୁ ପାଇଲିନି। ମୁଁ ନିଜ ଭିତରେ ଗୋଟିଏ ପୁରୁଣା ଶବ୍ଦକୁ ଖୋଜିଲି । ମୁଁ ଯେଉଁ ଶବ୍ଦକୁ ବିରକ୍ତ ହେଉଥିଲି, ସେ ଶବ୍ଦ କାନ ଡେରି ଶୁଣିବାକୁ ଚାହିଁଲି । ମୁଁ ରାତି ଚାରିଟାରେ ଉଠି ପଟ୍ଟନାୟକ ବାବୁଙ୍କ କୁକୁର ଭୋକିବା ଶବ୍ଦକୁ ଅପେକ୍ଷା କରି ବସିଲି। ଯେଉଁ ଶବ୍ଦ ଶୁଣି ବିରକ୍ତ ହେଉଥିଲି, ସେ ଶବ୍ଦକୁ ଆଜି ଖୋଜି ହେଉଛି କାହିଁକି ?

ମୁଁ ଚାହୁଁଥିଲି ପଟ୍ଟନାୟକ ବାବୁଙ୍କୁ ପଚାରିବାକୁ । ପଟ୍ଟନାୟକ ବାବୁ ଆଗରୁ ମୋତେ ରାସ୍ତା ଭାଙ୍ଗି ଅନ୍ୟ ଆଡ଼େ ଚାଲି ଯାଉଥିଲେ । ଏବେ କିନ୍ତୁ ମୋତେ ସାମ୍ନା କରି ଆସୁଥିଲେ । ସେ ମୋତେ ଚାହୁଁଥିଲେ । ସେ ଚାହୁଁଥିଲେ ମୁଁ କିଛି ପଚାରେ ବୋଲି । କିନ୍ତୁ ମୁଁ ପଚାରି ପାରୁନଥିଲି । ମୁଁ ପଚାରିଲେ ସେ କାନ୍ଦି ବସିବେ କି ମୁଁ କାନ୍ଦି ପକାଇବି ଅବା ଭାବି ମୁଁ କିଛି ପଚାରି ପାରୁନଥିଲି । କେବଳ ଭାବୁଥିଲି ସେହି ଭୋକିବା ଶବ୍ଦ ସହିତ ମୁଁ ପୁରାପୁରି ଅଭ୍ୟସ୍ତ ହୋଇ ଯାଇଥିଲି, ସେ ଶବ୍ଦ ମୋ ପାଇଁ ବିରକ୍ତିକର ଏବେ ନଥିଲା ବରଂ ସେହି ପରିଚିତ ସ୍ୱର ଆଜି ମୋ ପାଖରେ ନାହିଁ ବୋଲି ମୁଁ ବଡ଼ ଅସହାୟ ହୋଇ ପଟ୍ଟନାୟକ ବାବୁଙ୍କୁ ଚାହୁଁଛି । ଭଲ ହେଉ କି ଖରାପ ହେଉ, ଏତେ ନିଛାଟିଆ ଆମ ଜୀବନରେ ପ୍ରକୃତିର କିଛି ଚିହ୍ନାସ୍ୱର ଥାଉ।

+ ବସନ୍ତପୁର, ଗେଙ୍ଗୁଟି,
ବାଲେଶ୍ୱର- ୭୫୬୦୫୬
ମୋବାଇଲ- ୯୩୩୦୯୦୩୮୦୦

# [redacted] କାଳୀ ଗାଈ

ସିଦ୍ଧେଶ୍ୱର ତ୍ରିପାଠୀ



ପଧାନ ଘର ଚାରି ପୁଅ ଚାରି ବୋହୂ । ଦୁଇ ଝିଅ ବାହା ହୋଇ ନାତି ନାତୁଣୀ ଧରି ତାଙ୍କ ସଂସାରରେ ଖୁସିରେ ଅଛନ୍ତି । ପଧାନେ ଦଶ ବର୍ଷ ହେଲା ଆର ପାରିକୁ ଗଲେଣି ଏବେ ଦୁଇବର୍ଷ ତଳେ ପଧାନଙ୍କ ସ୍ତ୍ରୀ ବି ଚାଲି ଗଲେ । ପିଲାମାନେ ମାଆଙ୍କ ଶୁଦ୍ଧି କ୍ରିୟା କଲେ ବର୍ଷିକୀୟା ଗଲା । ବୁଢ଼ାବୁଢ଼ିଙ୍କ ଅସ୍ଥି ବିସର୍ଜନ ସରିଲାଣି । ଏତେ ବଡ଼ ଲୋକ ଟିକେ ଗଙ୍ଗା ଗୟା ଯାଇଥିଲେ ହେଇ ନଥାନ୍ତା ସବୁ କାମ ଏଇ ପୁରୀରେ କରିଦେଲେ । ହଁ ସକଳ ତୀର୍ଥ ତୋଚରଣେ ନୁହଁ କି ?

ସମୟ ବଦଳିବା ସାଥିରେ ଭାଇ ମନବି ବଦଳିଗଲା। ସବୁ ସମ୍ପତ୍ତି ଚାରି ଭାଗ ହେଲା ଘର ଦୁଆର ଜମିବାଡ଼ି ଟଙ୍କା ସୁନା ଜିନିଷପତ୍ର ଖଟ ପଲଙ୍କ ସବୁ ସମାନ ଭାଗରେ ବାଣ୍ଟି ନେଇଗଲେ । ଶଗଡ଼ ବଳଦ ଗାଈ ଗୋରୁ ସବୁ ଭାଗ ଭାଗ ହୋଇଗଲା।

ଅତ୍ୟାଧୁନିକ ଚାକଚକ୍ୟ ଦୁନିଆ ଭିତରେ ଏସବୁକୁ କିଏ ପଚାରେ । ଏସବୁ ବିକି ଯିଏ ଯୁଆଡେ ଗାଁ ଘର ଛାଡ଼ି ସହର ବଜାରରେ ଘର କରି ରହିଲେ। ବଡ଼ ପୁଅ ବୋହୂ ପଧାନଙ୍କ ଗାଦିଟା ରଖିଲେ ଯାହା । ପୁରୁଣାଘରକୁ ସୁନ୍ଦର କରି ସଜେଇଛନ୍ତି ହେଲେ ଭାଙ୍ଗି ନାହାନ୍ତି । ଗୋରୁ ଗୁହାଳରୁ ସବୁ ଗାଈ ଯିଏ ଯୁଆଡେ ବିକି ଦେଲେବି ବଡ଼ ବୋହୂ ତାଙ୍କ ଭାଗରେ ପଡିଥିବା କାଳୀ ଗାଈକୁ ଏବେବି ରଖିଛନ୍ତି। ତା ଯତ୍ନ ନେଉଛନ୍ତି । ସକାଳୀ ଗାଈକୁ କେମିତି ବା ଭୁଲିବେ ତାଙ୍କ ପୁଅ ଜନ୍ମ ବେଳେ ପଧାନେ ଏ ଗାଈକୁ କିଣିଥିଲେ ତାଙ୍କ ବଡ଼ ନାତି କ୍ଷୀର ଖାଇବ ବୋଲି। ସବୁ ଗାଈ ଭିତରେ ସେ ବାରି ହୋଇପଡେ। ଜୁଆଡ଼େ ଗଲେବି କାଳୀ କାଳୀ ଡାକିଦେଲେ ଆସି ପାଖରେ ପହଞ୍ଚି ଯାଏ । ଏଡ଼େ ସୁଧାର ଗାଈ କେବେ ନାତ ମାରେନି।

ଏବେ ପଧାନଙ୍କ ବୋହୂ ଅସୁସ୍ଥ ହେଲେଣି ସେ ଆଉ ଗାଈ ସେବା କରି ପାରୁ ନାହାନ୍ତି । ତାଙ୍କ ନୂଆବୋହୂ ସିଧା ସିଧା କହିଦେଲେ ସେ ଗୁହାଳ ଗୋବର କଥା ମୋତେ କହିବିନି ମୋର ଇଂନଫେକ୍ସନ ହେଇଯିବ । ଗାଈକୁ କଂସେଇକୁ ଦେଇ ଦିଅ ମୋତେ ଗୋରୁ ଗାଈ କଥା କୁହନି ।

ଯାହା ଯେମିତି ସାସୁ ଗାଈ କଥା କରୁଥିଲେ ଏବେ ସେ ପୁରା ଅଚଳ । ନିଜ କାମ ତ ଠେଙ୍ଗା ଧରି କରିବେ। ଆଉ ଗାଈକୁ କଣ ଦେଖିବେ। ବୋହୂ ଗାଈକୁ ଫିଟାଇ ଦେଲା ଆଉ ଘରେ ପୁରାଇଲାନି । ଶାଶୁ ଯେତେ ବୁଝାଇଲେବି ବୋହୂ କି ବୁଝିବା ଲୋକ । ଗାଇଟା ବାହାରେ ବୁଲାବୁଲି କରି ଯାହାଖାଏ ବାହାରେ ରହେ । ଚାରି ଆଠ ଦିନରେ ତାକୁ ଥରେ ଦେଖିଦେଲେ ସାସୁ ବୁଢ଼ୀଙ୍କ ମନ ଭାରି ଖୁସି ।

ଏବେ ଦିନେ କାଳୀ ଗାଈକୁ ବହୁ ଦିନ ପରେ ଦେଖି ସେ ଭୋ ଭୋ ହୋଇ କାନ୍ଦି ଉଠିଲେ । ଗାଈର ଦେହରେ ଦି ଚାରିଟା ଘା ପୂଜ ପୋକ ସାଲୁବାଲୁ । ସାସୁ ବୁଢ଼ୀ ଠେଙ୍ଗାବାଡି ଟା ଧରି ଧାଇଁ ଆସିଲେ ତା ପାଖକୁ ନିଜ କାନି ଚିରି ସବୁ ପୂଜ ରକ୍ତ ପୋକ ସବୁ ପୋଛି ପକେଇଲେ ନାତି ଟୋକାଟାକୁ ଡାକି ଘର ମରା ନଡ଼ିଆ ତେଲ ଆଣି କାଳୀ ଗାଈର ଦେହ ସାରା ମାଖୀ ଆଉ ଖଣ୍ଡେ କନା ବାନ୍ଧିବାକୁ ଯାଇଛନ୍ତି । ଏତିକିବେଳେ ବୋହୂର ନଜର ପଡିଲା ଶାଶୁଙ୍କ ଉପରେ । ଛି ଛି ଛି କହି ଗାଈକୁ ଘଉଡେଇ ସେ କନାକୁ ପୋଡି । କେତେ ରାଗ ତମତମ । ଗରମ ପାଣି ଡିଟେଲ ରେ ସାସୁ ଆଉ ପୁଅକୁ ଗାଧେଇବାକୁ କହି ବଡ଼ ଠେଙ୍ଗା ଧରି ଧାଇଁ ଗଲେ ଯେ ଦାଣ୍ଡ ସେପଟ ଯାଏ ।

ପୋଚରା ଗାଈକୁ ଏତେ ଶରଧା କଣ ପୁଣି ପାଖରେ ମୋ ଟିକି ପୁଅଟା ଅଛି। ପଶୁଠୁ କେତେ ରୋଗମଣିଷକୁ ଡେଉଁଛି ନାଇଁ ନାଇଁ ମୋ ପୁଅକୁ ଯଦି କିଛି ରୋଗ ଡେଇଁବ ସେଦିନ ଚିହ୍ନିବ ମୋତେ ।

କାଳୀ ଗାଈଟା ଗଲାଯେ ଗଲା ଆଉ ମାସେ ହେଲା ଇଆଡ଼େ ଆସିନି । ଶାଶୁ ଭାବୁଥାନ୍ତି ଅତୀତର କଥା ମୁଁ ଯେବେ ବୋହୂଥିଲି ଏ ଗାଈ ଆସିଥିଲା । କେତେ କ୍ଷୀର ଦହି ଲହୁଣୀ ଛେନା ଘିଅ ଏଘରେ ନହୁଏ । ପୁଅ ମୋର କେତେ କଣ ନଖାଇଛି। ହେଲେ ବୋହୂ କଣ ଜାଣିବ ଏ ଗାଈର ମହତ୍ତ୍ୱ । ବୁଢ଼ୀ ଦିନେ ଗାଈକୁ ଖୋଜିବାକୁ ଗଲେଯେ ଆଉ ଘରକୁ ଫେରି ନାହାନ୍ତି ।

ଦିନ ପରେ ମାସ ଗଲାଣି ନାଁ ସେ କାଳୀଗାଈ ଆସୁଛି ନାଁ ଘରକୁ ଫେରିଛନ୍ତି ନୂଆ ବୋହୁଙ୍କ ସାସୁ ମାଆ।

+ କୁଣ୍ଡିଲୋ ଖୋର୍ଦ୍ଧା

ଚନ୍ଦ୍ରମୋହନ ମହାପାତ୍ର

# ବାସ୍ତୁଶାସ୍ତ୍ର ଏକ ଅଧ୍ୟୟନ






ସୋସିଆଲ ମିଡ଼ିଆରେ ଏକ ବିଜ୍ଞାପନ ଦେଖିଲି। 'ବାସ୍ତୁଶାସ୍ତ ଏକ ଅଧୟନ'। ଲାଭଦାୟକ, ଭଲ ରୋଜଗାରକ୍ଷମ ବ୍ୟବସାୟ ମଧ। ଅଟକି ଗଲି, କ୍ଲିକ୍ କରି ପାଠ ଭିତରକୁ ଗଲି। ଆମୂଳଚୂଳ ଯାହା ପଢିଲି ମୋର ବି ଗୋଟେ ବିଶ୍ୱାସ ବଳବତ୍ତର ହେଇଗଲା କିଛି ସମୟ ପାଇଁ, ଭାବିଲି ସତେ ତ !

ଏ କଥାକୁ ନେଇ ଦି' ପ୍ରକାର କଥା ମନକୁ ଆସିଲା, ଏହି ଅଧୟନ ଜ୍ଞାନ ଆହରଣ ପାଇଁ ନା ରୋଜଗାର ନିମନ୍ତେ ଏହା ଏକ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା ! ଯେମିତି ହେଉ ଯେଉଁ ବିଦ୍ୟାକୁ ବିଜ୍ଞାପନ ଭାବେ ପ୍ରଦର୍ଶିତ କରିବାକୁ ଚାହିଁଲେ ବି ଏହାର ଦୂରୁପଯୋଗ କି ତତ୍ତ୍ୱ ଭିତ୍ତିକ ହୋଇନଥିବା କାରଣ ଦର୍ଶାଇ ଏହାକୁ ବିଜ୍ଞାନ ଶ୍ରେଣୀଭୁକ୍ତ ହେବାର ମାନ୍ୟତା ଦେବାକୁ ମୁଁ ନାରାଜ । ଅବଶ୍ୟ ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ଚଳନ ସହିତ ପୃଥିବୀର ନିବିଡ଼ ସଂପର୍କ ରହିଛି। ପୃଥିବୀର ସେହି ଶ୍ରେଷ୍ଠ ଜୀବ ମଣିଷଙ୍କ ଜୀବନ ଶୈଳୀ, ଜୀବନ ଧାରା, ଜୀବିକା, ଶାରୀରିକ କ୍ରମ ବିକାଶ, ଏସବୁ ଏହି ଗ୍ରହ ନକ୍ଷତ୍ର ପ୍ରଭାବ ଦ୍ୱାରା ପରିଚାଳିତ ହେଉଥିବା ବିଶ୍ୱାସ ।

ଏହାକୁ ଆଧାରକରି ଜ୍ୟୋର୍ତିବିଜ୍ଞାନୀ ଭଳି ବାସ୍ତୁବିଜ୍ଞାନ ବା ବାସ୍ତୁଶାସ୍ତ୍ରକୁ ମଧ ବିଜ୍ଞାନ ଶ୍ରେଣୀଭୁକ୍ତ କରାଗଲାଣି। ନିର୍ମାଣ କ୍ଷେତ୍ରରେ ଯାବତୀୟ ତ୍ରୁଟି ବିଚ୍ୟୁତିକୁ ସଜାଡ଼ିବା କାମରେ ଏହା ପ୍ରଜୁଯ୍ୟ। ଏହି କଥାରେ ବଶିଭୂତ ନିର୍ମାଣକର୍ତ୍ତା ବିଶ୍ୱାସକୁ ଦୃଷ୍ଟିରେ ରଖି ଆର୍ଟିଟେକ୍‌ମାନେ ମଧ ବାସ୍ତୁଶାସ୍ତ୍ରକୁ ସଂଯୋଗ କରି ଦେଲେଣି କ୍ଷେତ୍ର ବିଶେଷରେ। କାରିଗରୀ ଜ୍ଞାନ କୌଶଳ ଯାହା ହେଉ ପଛେ ବିଶ୍ୱାସ ମନକୁ ଅଧିକ ଦୃଢ଼ିଭୂତ କରେ, ଏହା କେବେଳ ସତ୍ୟ ନୁହେଁ ଅକାଟ୍ୟ ସତ୍ୟ ମଧ।

ଏହି କଥାକୁ ଶୁଣୁଶୁଣୁ ମୋର ଜଣେ ବନ୍ଧୁ ବିରକ୍ତିରେ କହି ଉଠିଲେ, ଧେତ୍ ଏସବୁ ବାଜେ କଥା, ଅନ୍ଧବିଶ୍ୱାସ, ବାସ୍ତୁଶାସ୍ତ୍ର ଅନୁଯାୟୀ ଯଦି ନିର୍ମାଣ କିମ୍ବା ନିର୍ମାଣ ପରର ପରିବର୍ତ୍ତନ କରାଯାଏ ଘର ଏକ ବିକଳାଙ୍ଗ କାଙ୍ଗାଳ ରୂପ ନେବା ସାର। ଯାହା ଘଟିବାର ଥିବ ତାକୁ କିଏ ଅଟକେଇ ପାରିବ। ଘରର ସ୍ଥିତି ଅବସ୍ଥିତି ଯୋଗୁଁ ଯଦି ଦୁର୍ଯୋଗ ସୁଯୋଗ ସୃଷ୍ଟି ହୁଅନ୍ତା ସୁନାମୀ ଭୂକମ୍ପ, ଭୂସ୍ଖଳନ, ମହାବାତ୍ୟା ଭଳି ପ୍ରାକୃତିକ ବିଘଟନ ଘଟନ୍ତାନି କି ଚାହୁଁ ଚାହୁଁ ନଭଶ୍ଚୁମ୍ବୀ ଅଟ୍ଟାଳିକା ମାନ ନିମିଷକରେ ଧରାଶାୟୀ ହୁଅନ୍ତାନି କିମ୍ବା ଘରର କାହାରି ରୋଗ, ଶୋକ, ଦୁଃଖଦ କିମ୍ବା ମୃତ୍ୟୁ ଘଟନ୍ତାନି । ଧରିନେବାକୁ ହୁଅନ୍ତା ବାସ୍ତୁଶାସ୍ତ୍ର ହିଁ ଜନ୍ମମୃତ୍ୟୁ, ଜୀବନ ଜୀବିବା ପରିଚାଳନାର ଏକମାତ୍ର ଆଧାର।

ସତକଥା, ମୋତେ ବି ଅବିଶ୍ୱାସ ହେଲା ଏ ଶାସ୍ତ୍ରର କଠୋର ନୀତିନିୟମ ପ୍ରତି। ଶାସ୍ତ୍ରମାନଙ୍କରେ ବିଚାର ଅଧିକ କଷ୍ଟଦାୟକ, ଦୁର୍ଭାଗ୍ୟଜଡିତ ଏ କଥାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିହେବନି, କାହିଁକି ନା ବେଳେବେଳେ ଶାସ୍ତ୍ର ନାମରେ ଅଯଥା ଅନେକ ଅପସଂସ୍କୃତିର ଶିକାର ହେବାକୁ ପଡ଼ିଥାଏ। ମନୁଷ୍ୟ ଅପକର୍ମକୁ ଡରନ୍ତାନି ଯଦି ଧର୍ମର ଭୟ ନ ଥାଆନ୍ତା। ମୃତ୍ୟୁ ପରର ଯମଲୋକ, ଯମଦୂତ, ନର୍କ, ତତଲା ତେଲ କରେଇ କଥା ସତ ହେଉ କି ଡାହା ମିଛ, ସମାଜର ଉଦ୍‌ଭ୍ରାନ୍ତ ମଣିଷମାନଙ୍କୁ ଲଗାମ ଲଗାଇବା ପାଇଁ ଏ ସବୁର ପରିକଳ୍ପନା ଶାସ୍ତ୍ରକାରମାନଙ୍କ ଦ୍ୱାରା ଲିପିବଦ୍ଧ ଦୂରଦୃଷ୍ଟି ଧରିନିଆଯାଏ। ଏକଥା ବି ସତ୍ୟ ହେଇପାରେ କାରଣ ଆଗରେ ଯାହା ଘଟିବ ତାହା ଅପ୍ରମାଣିତ। ଅତୀତ ଏବଂ ବର୍ତ୍ତମାନ ପ୍ରମାଣିତ ନିଶ୍ଚିତ, ଭବିଷ୍ୟତ ସର୍ବଦା ଅନିଶ୍ଚିତ ଦୃଷ୍ଟି ବାହାରର ସମ୍ଭାବନାର ଏକ ପରିକଳ୍ପନା ।

ଚାରି ପାଞ୍ଚବର୍ଷ ତଳର କଥା, ନିର୍ବାଚନରେ ନିଜ ଦଳରୁ ଟିକେଟ ପାଇବା ନପାଇବା ନେଇ ଏକ ସଂଘର୍ଷ କହିଲେ ଅତ୍ୟୁକ୍ତି ହେବନି। କିନ୍ତୁ ଯେତେ ଭଲ କର୍ମ ଉପାୟ, ଉପାସନା, ଉଦ୍‌ଯୋଗ ନିଜ ସପକ୍ଷରେ କଲେ ବି ଶୀର୍ଷ ନେତାଙ୍କର ଶୁଭ ଦୃଷ୍ଟି ପଡ଼ିବା ଏକ ଭାଗ୍ୟର କଥା। ଏହି ଭାଗ୍ୟ ଯେ ଆପେ ଆପେ ଆସେ ତାହା ନୁହେଁ ଆସିବା ପାଇଁ ଉପଯୁକ୍ତ ଉପାୟ ଓ କ୍ଷେତ୍ର ପ୍ରସ୍ତୁତିର ଆବଶ୍ୟକ। ଏହା ବି ଅନେକଙ୍କ ବଦ୍ଧ ଧାରଣା। ଏ କଥା ପୂର୍ବତନ ବିଧାୟକ ଶିବଶଙ୍କରଙ୍କର ମଗଜରେ କେବେଠୁଁ ଭେଦି ସାରିଲାଣି।

ଶୁଭ ସମୟ ଯେ ସବୁ ବେଳେ ଆସେ ସେ କଥା ବି ନୁହେଁ। ଅଶୁଭରେ ବି ଶୁଭଫଳ ଥାଏ। ଯେହେତୁ ଏହା ଗ୍ରହ ନକ୍ଷତ୍ରଙ୍କ ଦ୍ୱାରା ପରିଚାଳିତ। କୁହାଯାଏ ଶନି ମହାଯଶା କେବଳ କ୍ଷତିର କାରଣ, ତାହା ସତ୍ୟ ନୁହେଁ, କ୍ଷତି ଭିତିରେ ଲାଭ, ଅଶୁଭ ଭିତରେ ଶୁଭ ଫଳ ।

ସ୍ୱାମୀ ଦୟାନନ୍ଦ ପାଟ୍ଟଯୋଶୀ ଅତିଥି ଭାବେ ଆସିଥିବା ବେଳେ ଗୋଟିଏ କଥା କହିଥିଲେ, ତୁମ ଗୃହ ନିର୍ମାଣ ବାସ୍ତୁ ଦୋଷଯୁକ୍ତ। ଶୁଭ ଫଳପ୍ରାପ୍ତର ବାଧକ ଓ କି କି ପ୍ରକାର ଦୋଷ ସେକଥା ନ କହିଲେ ବି ଇସାରାରେ ଜଣାଇଥିଲେ ମୁଖ୍ୟ ଦରଜାକୁ ବନ୍ଦକରି ଦିଗ ପରିବର୍ତ୍ତନ କରିବା ଅତ୍ୟନ୍ତ ଜରୁରୀ। ହେଲେ କେଉଁ ଦିଗରୁ କେଉଁ ଦିଗକୁ ଯିବ ସେ କଥା କିଛି କହିନଥିଲେ। ସରକାରୀ ପକ୍କା ସଡ଼କକୁ ଲାଗି ପଶ୍ଚିମ ଦ୍ୱାର ମାଇଲଏ ବାଟର ଦେଖି ହୁଏ ପୂର୍ବତନ ବିଧାୟକ ଶିବ ଶଙ୍କର ରାୟଙ୍କ ଫାଟକ ଦେଇ ମୁଖ୍ୟଦ୍ୱାରରେ ଲାଗି ହୋଇଥିବା ଖାଣ୍ଟି ପିଆଶାଳ କାଠର ଖୋଦିତ ଜାଉଁଳି କାବଟ। ଧାଡ଼ିଏ ନୂଆ ପୁରଣା ଗାଡ଼ି, ଗୋଲାପ ଫୁଲ ବଗିଚା, ଗଣେଶଙ୍କ ବିରାଟ ପଥରମୂର୍ତ୍ତିର ମଣ୍ଡପ। ଘରର ପୂର୍ବ ପଛପଟ ଲଗାଗିକରି ଅନ୍ୟର ଘର, ଦକ୍ଷିଣରେ ବାଉଣ୍ଡେରୀ ଭିଡ଼ା ଭିଡ଼ି। କେବଳ ଉତ୍ତରକୁ ଯଥେଷ୍ଟ ଜାଗା ଥିଲେବି ରାସ୍ତାର ଆଢୁଆଳ।

ସ୍ତ୍ରୀ କହିଲେ, ସତ କଥା ବାରମ୍ବାର ନିରାଶ ହେବା ଅପେକ୍ଷା ମୁଖ୍ୟ ଦ୍ୱାର ବନ୍ଦ୍ କରି ବୁଲେଇ ଦେଲେ କଥା ସରିଲା। ଟିକିଏ ବୁଲି କରି ଗଲେ ଆଇଲେ ଘରର ଗୁମର ରହିବ, କାର୍ଯ୍ୟ ସାଧନରେ ବାଧା ହଟିଯିବ ।

ସ୍ତ୍ରୀ'ଙ୍କ କଥା ରହିଲା, ସେଇଆ ହେଲା ସ୍ୱାମୀଜୀଙ୍କ କଥା ପଶ୍ଚିମ ଦ୍ୱାର ବନ୍ଦ୍ ହେଇ ରାତାରାତି ଉତ୍ତର ଦ୍ୱାର ଖୋଲା ହେଇଗଲା। ସକାଳେ ହାଠାତ୍ ଏ ବ୍ୟବସ୍ଥା ଦେଖି ଚମକି ପଡ଼ିଲେ ଲୋକେ, ଆଲୋଚ଼ନା ସରଗରମ ହେଲା, ଏ କି ପରିବର୍ତ୍ତନ। ସୁବିଧାରୁ କିଏ ଅସୁବିଧାକୁ ଯାଏ! ଶିବଶଙ୍କ କିମ୍ବା ତାଙ୍କ ପରିବାର ତରଫରୁ କିଛିଁ ସ୍ପଷ୍ଟିକରଣ ଦିଆଗଲାନି। ଚାକରବାକର କେହି କିଛି ବି ପ୍ରକାଶ କଲେନି। କଥାଛଳରେ ସ୍ତ୍ରୀ ସ୍ମୃତିରେଖା ପଡ଼ୋଶିନୀଙ୍କୁ ବୁଝାଉଥାନ୍ତି ଦେଖ, ସଂସାରର ଗତିପଥ ସର୍ବଦା ତେଢ଼ା, ସଳଖ ଯାତ୍ରା ସୁଗମ ହେଇପାରେ କିନ୍ତୁ ସୁଫଳ ମିଳିବା କଷ୍ଟକର।

ଅବଶ୍ୟ ସେହିବର୍ଷ ନିର୍ବାଚ଼ନରେ ତାଙ୍କୁ ବିଧାୟକ ଟିକେଟଟା ମିଳିଗଲା ନିଜ ଦଳ ତରଫରୁ । ଖୁସିରେ ଗଦଗଦ ହେଇ ପ୍ରଥମେ ସ୍ତ୍ରୀ ସ୍ମୃତିକୁ ଟିକେଟ ଦେଖାଇ କହିଲେ, ଦେଖିଲତ୍ ଆମ ଭାଗ୍ୟର ଫଳ। ସେ ଅତ୍ୟନ୍ତ ଖୁସିରେ କହିଲେ, ନା ଏହାର ବାସ୍ତୁଦୋଷ ମୁକ୍ତିର ସୁପ୍ରଭାବ।

ଶିବଶଙ୍କର ଆଶ୍ୱସ୍ତ ହେଲେ। ଇଏତ ଗଲା ଗୋଟିଏ ପର୍ଯ୍ୟାୟ। ଅସଲ ଭାଗ୍ୟ ପରୀକ୍ଷା ନିର୍ବାଚ଼ନ ମଇଦାନରେ, ଟଙ୍କା ଥଳି ଧରି ମଦ ମାଂସରେ ଭସେଇ ଦେଲେ ଯେ ଜିତି ହେବ ସେ କଥା ନୁହେଁ, ମହାପ୍ରସାଦ, ତୁଳସୀ, ଜଗନ୍ନାଥ, ବାବାମଣି ଅବା ପ୍ରତ୍ୟେକ୍ଷ ଦେବୀ ଚଣ୍ଡି ଫଟୋକୁ ଛୁଇଁ ଶପଥ କଲେ ବି ବୁଥ ପାଖରେ ପାଶୋରି ଯାଆନ୍ତି ଭୋଟର। ଏବେ ତ ରାମ-ଜଗନ୍ନାଥ ଭିତରେ ଲଢେଇ, ଭୋଟର କିନ୍ତୁ ଠିକ୍ ଜାଣନ୍ତି ଯିଏ ରାମ ସେଇ ହେଲେ ଜଗନ୍ନାଥ ।

ଏ ସମୟରେ ବାକି ଦୋଷାଦୋଷ ଖଣ୍ଡନ ପାଇଁ ଦୟାନନ୍ଦ ପାଟ୍ଟଯୋଶୀ ହିଁ ଏକମାତ୍ର ଉରସା । ନିର୍ବାଚନ ଭିଡ଼ ସମୟରେ ବ୍ୟସ୍ତବହୁଳ ସ୍ୱାମୀଜୀ ବହୁ ଅର୍ଥ ପ୍ରତିବଦଳରେ ବିଜେ କଲେ। ଅନ୍ଧାରି ବିଜେ। ଭିତରେ ବାହାର ବୁଲି ଦେଖିଲେ, ଥରେ ନୁହେଁ ଦୁଇ ତିନିଥର। ଉପରକୁ ଚାହିଁ ଚିହିଁକି ଉଠିଲେ, ଏ କ'ଣ ଠାକୁର ଘର ଉପରେ ପାଇଖାନା। ତା' ପାଖକୁ ରୋଷେଇ ଘର, ଦେବତାଙ୍କ ଉପରେ ମଳମୂତ୍ର ତ୍ୟାଗ। ମହାବିଘ୍ନ, ତୁରନ୍ତ ଅପସାରଣ କରାଯାଉ ତାହା ପୁଣି ନିର୍ବାଚ଼ନ ପୂର୍ବରୁ ହେବା ଜରୁରୀ ବୋଲି ନିର୍ଦ୍ଦେଶ ବାଣୀ ଶୁଣେଇ ଦେଇଗଲେ।

ବାସ୍ତୁ ଶାସ୍ତ୍ରବିତ୍ ସ୍ୱାମୀଜୀ ସେହି ରାତିରେ ପାହୁଣା ନେଇ ହିଁ ଚାଲିଗଲେ। ସକାଳ ହେବାମାତ୍ରେ ଭଙ୍ଗାତୋଟା ଆରମ୍ଭ। ପାଇଖାନାକୁ ଉପରୁ ଉଡ଼େର ତା'ଜାଗାରେ କ'ଣ କରାଯାଇ ପାରିବ ବିଚାର ବିମର୍ଷ ଚାଲିଲା। ଶେଷକୁ ସ୍ଫଟିକଟିଏ ନିର୍ମାଣ ହେଲା। ଖଣ୍ଡେ ଛାତ ଝୁଲି ପଡିଲେ ବି ତାଳି ପକାଇ ବହୁ ବ୍ୟୟରେ ସୁଦୃଶ୍ୟ କରିବାକୁ ଚେଷ୍ଟା କଲେ ଇଂଜିନିୟର ଓ ରାଜମିସ୍ତ୍ରିଗଣ।

ଏଣେ ନିର୍ବାଚନ ପ୍ରଚାରକୁ ଚାରିଆଡ଼େ ସଭା ସମିତି ଦିନରାତି ଖଟିଣି। ପ୍ରାର୍ଥୀକୁ ସିନା ରାଜନୀତି ନିଶା, ଆଖିରୁ ଦିନ ଗାୟଫ୍। କିନ୍ତୁ ଡ୍ରାଇଭର ତ ଜଣେ ମଣିଷ। ବିଳମ୍ବିତ ରାତିରେ ସଭାରୁ ଫେରୁ ଫେରୁ ନିଦ ଲାଗିଗଲା, ଦ୍ରୁତଗାମୀ ଡମ୍ଫରରେ ପିଟି ହେଇଗଲା କାର। ବିଚ଼ରା ଡ୍ରାଇଭର ପ୍ରାଣ ସେଇଠି ଚାଲିଗଲା ଶୁକୁଶୁକୁ ହେଇ। ଯୋଗକୁ ପ୍ରାର୍ଥୀ ଶିବଶଙ୍କର ଅଳ୍ପକେ ବର୍ତ୍ତିଗଲେ। ଅବଶ୍ୟ ତାଙ୍କର ବାମପାଖ ଗୋଡ଼ ଏବଂ ହାତ ଭାଙ୍ଗି ଦି'ଖଣ୍ଡ। ଅସ୍ତ୍ରୋପଚାର ପରେ ବ୍ୟାଣ୍ଡେଜ ହୋଇ ଘରକୁ ଆସିଲେ। ନିର୍ବାଚ଼ନକୁ ଆଉ ଅଳ୍ପ ଦିନ, ବାଧରେ ଯେତେ କଷ୍ଟ ହେଲେ ବି ପ୍ରଚାରକୁ ବାହାରିଲେ। ହୁଇଲ ଚେୟାର୍ ଗୋଟାକରେ ପ୍ରଚାର। ହାତ ମୁଣ୍ଡରେ ବ୍ୟାଣ୍ଡେଜ୍। ହଲି ହୋହଲି ଗଲେ ସିନା ଅସହ୍ୟ ଯନ୍ତ୍ରଣା।

ସହକର୍ମୀମାନେ ବୁଦ୍ଧି ଦେଲେ। ଅନୁକମ୍ପା ଭୋଟ ଆପଣଙ୍କ ସପକ୍ଷରେ। ନିଜର ଅସହାୟତା ଦେଖେଇ ଗୋଟିଏ ହାତ ଟେକି ଭୋଟ୍ ପାଇଁ ନିବେଦନ କଲେ। କର୍ମୀ ଏବଂ ଭୋଟର୍‌ମାନେ ସମବେଦନା ଜଣାଇଲେ, ଜିତେଇ ଦେବାର ପ୍ରତିଜ୍ଞାବଦ୍ଧ ହେଲେ। ଘରେ ବସି ବସି ଖୋଲିଦେଲେ ତୁହାକୁ ତୁହା ଟଙ୍କା ବୁରାର ମୁହଁ । ମଦ ମାଂସରେ ଭାସିଲେ କର୍ମୀ ଓ ସମର୍ଥକ। ଶିବଶଙ୍କର ଧରିନେଲେ ଗୋଡ଼ ହାତ ଭାଙ୍ଗୁ ପଛେ ଜିତିବାଟା ଥୟ।

ଯେନେକେନେ ପ୍ରକାରର ଭୋଟ ସରିଗଲା। ସ୍ୱାମୀଜୀଙ୍କୁ ତାରିଫ୍ କଲେ। ଆଶୀର୍ବାଦକୁ ସ୍ମରଣ କରି ଫଳାଫଳ ଶୁଣିବା ପାଇଁ ଟିଭି ପାଖରେ ବସିଲେ। ଛାତି ଧଡ଼ଧଡ଼, ମନ ବ୍ୟାକୁଳିତ, ଫଳାଫଳ କ'ଣ ହେବ! ବାସ୍ତୁ ଦୋଷ ସଂଶୋଧନ କଥା ମନକୁ ଆସିଲା ସ୍ୱାମୀଜୀଙ୍କୁ ସ୍ମରଣ କଲେ, ନମନ କଲେ ମନେମନେ ମହାପ୍ରଭୁଙ୍କୁ।

ପ୍ରଥମ ଗୋଟେ ଦି'ଟା ରାଉଣ୍ଡରେ ଅଧିକା ଭୋଟ ତାଙ୍କ ସପକ୍ଷର ଗଲା। ସେ ଆଶ୍ୱସ୍ତ ଅନୁଭବ କଲେ। ମନେମନେ ଖୁସିହେଲେ, ଘଣ୍ଟାକ ପରେ ସ୍ଥିତି ବଦଳିଗଲା। ବିରୋଧୀ ପ୍ରାର୍ଥୀ ଏକତରଫା ଆଗେଇ ଚାଲିଲା ଆଗକୁ ଆଗକୁ, ଶହେରୁ ହଜାରେ, ହଜାର ଦଶ ହଜାର। ଛାତିରୁ ରକ୍ତ ଶୁଖିଗଲା, ଏ କ'ଣ ହେଲା, ବହୁ ଭୋଟ୍ ବ୍ୟବଧାନକୁ ଦେଖି ଟିଭି ବନ୍ଦ୍ କରିଦେଲେ ବିରକ୍ତିରେ। ତୁରନ୍ତ ସ୍ୱାମୀଜୀଙ୍କୁ ଫୋନ୍ ଲଗେଇଲେ। ସ୍ୱାମୀଜୀ ଅତି ନମ୍ର ଭାବରେ ଉତ୍ତର ଦେଲେ, ନିର୍ବାଚ଼ନରେ ହାରିବା ଜିତିବା ଠୁଁ ଜୀବନଟା ଗୁରୁତ୍ୱପୂର୍ଣ୍ଣ। ବାସ୍ତୁଦୋଷରୁ ମୁକ୍ତି ପାଇଁ ଜୀବନ ବଞ୍ଚିଗଲା ଜାଣ। ବୁଝିଲ, ଜୀବନରେ କେତେ କେତେ ନିର୍ବାଚନ ଆସିବ ଯିବ, ଜୀବନ ଥିଲେ ତ! ଆଉ କ'ଣ ଦୋଷାଦୋଷ ରହିଛି, ପରେ ଦେଖାଯିବ।

ମୁହଁକୁ ତକିଆରେ ଜାକି କଇଁକଇଁ ହେଇ କାନ୍ଦବା ଭିତରେ ଗୁଣୁଗୁଣୁ ହେଇ କହିଉଠିଲେ ଶିବଶଙ୍କର -ଆଉ କେତେ ଘର ଭଙ୍ଗା ହେଲେ ବାସ୍ତୁଦୋଷରୁ ମୁକ୍ତି ମିଳିବ ପ୍ରଭୁ!

+ ସଂପାଦକ- 'ଶଂଖବେଳା'
ସୋର, ବାଲେଶ୍ୱର
ମୋ-୯୪୩୭୩୦୬୧୮୧

# ଜଟଣୀ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟରେ ଖାଦ୍ୟରେ ଝିଟିପିଟି ଅଭିଯୋଗ: ଅଭିଭାବକଙ୍କ ହଙ୍ଗାମା

ଜଟଣୀ,୦୪/୧୦ (ନି.ପ୍ର): ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପରିବେଷଣ କରାଯାଇଥିବା ଖାଦ୍ୟରେ ଝିଟିପିଟି ବାହାରିଥିବା ଅଭିଯୋଗକୁ କେନ୍ଦ୍ର କରି ଶୁକ୍ରବାର ବିଦ୍ୟାଳୟ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣା ଜଣାପଡ଼ିବା ପରେ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ପ୍ରତିବାଦ କରିବା ସହ ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଥିଲେ। ସୂଚନା ଅନୁସାରେ, ମଧ୍ୟାହ୍ନ ଭୋଜନ ସମୟରେ କିଛି ଛାତ୍ରଛାତ୍ରୀଙ୍କ ଖାଦ୍ୟରେ ଏକ ଝିଟିପିଟି ଦେଖିବାକୁ ମିଳିଥିଲା। ଏହା ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଖବର ପାଇ ଅଭିଭାବକମାନେ ବିଦ୍ୟାଳୟକୁ ଆସି ଘଟଣାର ତଦନ୍ତ ଓ ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଭାବକମାନଙ୍କ ଅଭିଯୋଗ ହେଉଛି, ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଓ ପରିଚ୍ଛନ୍ନତା ଉପରେ ପ୍ରଯ୍ୟାପ୍ତ ନଜର ରଖାଯାଉନାହିଁ। ଅନ୍ୟପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣାର ଯାଞ୍ଚ କରାଯାଉଥିବା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବାବେଳେ, ଅଭିଭାବକ ମାନେ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଗୋଲାପ ନର୍ସରୀର ନିର୍ଦ୍ଦେଶକ ବୈକୁଣ୍ଠ ମହାପାତ୍ରଙ୍କ ସଫଳତା

ବାସୁଦେବପୁର,୦୪/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ଏକ ସୁନ୍ଦର ପରିବେଶରେ ପ୍ରତିଷ୍ଠା ହୋଇଛି ଗୋଲାପ ନର୍ସରୀ। ଏହି ନର୍ସରୀ ର ନିର୍ଦ୍ଦେଶକ ହେଉଛନ୍ତି ବୈକୁଣ୍ଠ ମହାପାତ୍ର। ଗୋଲାପ ମଞ୍ଜରୀ ମହାପାତ୍ରଙ୍କ ନାମରେ ଏହି ଗୋଲାପ ନର୍ସରୀ ନାମିତ ହୋଇଛି। ସମସ୍ତ ଉନ୍ନତ ପ୍ରକାର ଗଛ, ଫୁଲ ଗଛ, ଫଳ ଗଛ, ପନି ପରିବା ଗଛ ଏଠାରେ ସୁଲଭ ମୂଲ୍ୟରେ ମିଳିଥାଏ। ଚାରି ବର୍ଷ ଧରି ଏହି ନର୍ସରୀ ଲୋକଙ୍କ ସେବା ରେ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଆଗେଇ ଚାଲିଛି। ୧୯୬୪ ମସିହାରେ ଶ୍ରୀ ବୈକୁଣ୍ଠ ମହାପାତ୍ର ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ଯଦୁନାଥ ମହାପାତ୍ର ଓ ମାତା ସୂର୍ଯ୍ୟମଣି ମହାପାତ୍ର। ବୈକୁଣ୍ଠ ବାବୁ ଜଣେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ। ତାଙ୍କର ପୁତ୍ର ଅଶ୍ୱିନୀ କୁମାର ମହାପାତ୍ର, ନାତୁଣୀ ସିଦ୍ଧି ମହାପାତ୍ର। ଚାରି ଏକର ଜମି ଉପରେ ଆରମ୍ଭ ହୋଇଛି ଗୋଲାପ ନର୍ସରୀ। ଅଳ୍ପ ପରିମାଣରେ ହର୍ଟୀ କଲଚର୍ ବିଭାଗରୁ ଆର୍ଥିକ ସହଯୋଗ ମିଳିଛି। ଶହ ଶହ ଭେରାଇଟି ର ଫୁଲ ଓ ଫଳ ଗଛ ଏଠାରେ



ରହିଛି। ବିଭିନ୍ନ ପ୍ରକାରର ଆମ୍ବ ଗଛ, ଦେଶୀ, ବିଦେଶୀ ସବୁ ଗଛ ଏଠାରେ ଅଛି। ଏହା ବ୍ୟତୀତ ଆପେଲ, ଅଙ୍ଗୁର୍ ଓ ଔଷଧୀୟ ବୃକ୍ଷ ମଧ୍ୟ ଗୋଲାପ ନର୍ସରୀ ରେ ରହିଛି। ଆୟୁର୍ବେଦିକ ପ୍ଲାଣ୍ଟ ପରି ଚାଲିଛି। ପିଜୁଳି,ଡାଳିମ୍ବ, ଲେମ୍ବୁ ପ୍ରଭୃତି ବିଭିନ୍ନ ପ୍ରକାରର ଚାରା ଗଛ ଏଠାରେ ରହିଛି। ବିଭିନ୍ନ ଜାତିର କଦଳୀ ଗଛ ଏଠାରେ ରହିଛି। ଆମ୍ବ ବିଭିନ୍ନ ପ୍ରକାରର ରହିଛି ଯଥା ମିଆଁ ଜାକି ଆମ୍ବ, ନୀଲମ ଆମ୍ବ, ଆମ୍ର ପଲ୍ଲୀ, କସ୍ତୁରୀ ଆମ୍ବ, ତୋତା ପୁରୀ ଆମ୍ବ ଏଠାରେ ରହିଛି। ହଜାର ହଜାର ଜନ ସାଧାରଣ ଓ ପରିବେଶ ପ୍ରେମୀ ମାନେ ଏହି ସ୍ଥାନକୁ ଆସି ବିଭିନ୍ନ ପ୍ରକାରର ଗଛ ନେଇ ବାଡ଼ି ବଗିଚାରେ ଲଗାଉଛନ୍ତି। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ଏହି ଗୋଲାପ ନର୍ସରୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳ ରୁ ତଥା ରାଜ୍ୟ ବାହାରୁ ଲୋକ ମାନେ ଏହି ସ୍ଥାନକୁ ଆସି ଗଛ ନେଉଛନ୍ତି।ଆଗାମୀ ଦିନରେ ଈଶ୍ୱରଙ୍କ କୃପାରୁ ଏହି ଗୋଲାପ ନର୍ସରୀ ଖୁବ୍ ବଡ ହେବ ଏବଂ ସମସ୍ତ ଙ୍କ ଉପକାରରେ ଆସି ସୁନ୍ଦର ପରିବେଶ ସୃଷ୍ଟି କରିବ ବୋଲି ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ମତ ପ୍ରକାଶ କରିଛନ୍ତି। ଏହିପରି ନର୍ସରୀ ପ୍ରତିଷ୍ଠା କରି ଅନେକ ଲୋକ ନିଯୁକ୍ତି ପାଇବା ସହିତ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

ଭଦ୍ରକ ,୦୪/୧୦ (ନି.ପ୍ର): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ।ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶାଙ୍କ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି ଯେ, ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ



ଦେବା ଆବଶ୍ୟକ ହେବ ନାହିଁ। ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ।ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ ଫର୍ମ-୬ରୁ ହଟାଇ ଦେଇଛନ୍ତି। ଏହା ଫଳର ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ।ଭଦ୍ରକ ଜିଲ୍ଲାରେ ମଧ୍ୟ ଯୋଗ୍ୟ ନାଗରିକମାନେ ଏହି ସୁବିଧାର ଲାଭ ନେଇପାରିବେ। ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ବ୍ୟକ୍ତିମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରିପାରିବେ।ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ। ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ। ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ।ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ତେଣୁ, ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ।

# ଅସହାୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ସଂଗଠନ



ବସ୍ତା ,୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ର ସ୍ୱେଚ୍ଛାସେବୀ ସଙ୍ଗଠନ ବନ୍ଧନ କାନଗର ତରଫରୁ କସିପଦା ପଞ୍ଚାୟତ ର ମିରିଗିମୁଣ୍ଡି ଠାରେ ଥିବା ଶାଖା ଅଫିସ ରେ ଅସହାୟ ଓ ଗରିବ ଶ୍ରେଣୀ ର ମହିଳା ମାନଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ ହେବା ପାଇଁ ବ୍ୟବସାୟିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ଏହି ସଂଗଠନ ର ମୂଳ ଲକ୍ଷ୍ୟ ବାଲେଶ୍ୱର ଜିଲ୍ଲାରେ ଥିବା ସାତଟି ବ୍ଲକ ବାଲେଶ୍ୱର ସଦର , ରେମୁଣା , ନୀଳଗିରି , ବାହାନଗା , ଖଇରା, ସିମୁଳିଆ ଓ ଔପଦା ଭିତରେ ରେ ଥିବା ପ୍ରତ୍ୟେକ ବ୍ଲକ ରୁ ୨୦୦ ଗରିବ ଶ୍ରେଣୀ ର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସଂଗଠନ ର ମୂଳ ଲକ୍ଷ୍ୟ। ସେହି ପରିପ୍ରେକ୍ଷୀରେ ଆଜି ସଦର ବ୍ଲକ ର ଛାନୁଆ , ସୋଲପଟା , ଆଙ୍କୋ , କଷିପଦା ଭଳି ବିଭିନ୍ନ ପଞ୍ଚାୟତ ରୁ ୨୦ ଜଣ ମହିଳା ଙ୍କ ମଧ୍ୟରୁ ୮ ଜଣ ଙ୍କୁ ଗ୍ରୋସରି ସାମଗ୍ରୀ , ୩ ଜଣ ମହିଳା ଙ୍କୁ ଟେଲୋରିଁ ମେସିନ, ୪ ଜଣ ଙ୍କୁ ଷ୍ଟେସନାରୀ ସାମଗ୍ରୀ , ୩ ଜଣ ଙ୍କୁ ଜଳଖିଆ ଦୋକାନ ପାଇଁ ସାମଗ୍ରୀ ଓ ୨ ଜଣ ଙ୍କୁ ଚା ଦୋକାନ ପାଇଁ ସାମଗ୍ରୀ ବଣ୍ଟନ କରାଯାଇଛି । ଆଜି କାର୍ଯ୍ୟକ୍ରମ ରେ ବନ୍ଧନ କାନ୍ନାଗର ର ଏରୀୟ ମ୍ୟାନେଜର ଶ୍ୟାମ ଦେବ ପଣ୍ଡିତ , ସିନିୟର୍ ଏରିଆ ମ୍ୟାନେଜର ଅମ୍ରିତ ଘୋଷ ,ବ୍ରାଞ୍ଚ ମ୍ୟାନେଜର ରାମ ପ୍ରସାଦ ସରକାର ଙ୍କ ସହ ସଂସ୍ଥା ର ସଦସ୍ୟ ରାଜେନ୍ଦ୍ର ପରିଡ଼ା , ସନ୍ତୋଷ ପରିଡ଼ା , ରାକେଶ ସେନାପତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କସିପଦା ପଞ୍ଚାୟତ ର ନାଇବ ସରପଞ୍ଚ ଗଦାଧର ବଡ଼ାଇ , ସମାଜସେବୀ ଗୌତମ ମହାନ୍ତି ଓ ତଳବରହମପୁର ଗ୍ରାମ ର ଓ୍ୱାର୍ଡମେମ୍ବର ରେଣୁକା ବେହେରା ଙ୍କ ସହ ଅନ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

## ସମାଜସେବୀ ଗଣେଶ ମେକାପଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୦୪/୧୦ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଇଛାପୁର ନିବାସୀ ସମାଜସେବୀ ଗଣେଶ ପ୍ରସାଦ ମେକାପଙ୍କ ଦ୍ୱାଦଶାହ ଅବସରରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଇଛାପୁରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଆତ୍ମୀୟସ୍ୱଜନ, ସହପାଠୀ, ବୁଦ୍ଧିଜୀବୀ ଓ ସମାଜସେବୀମାନେ ଯୋଗଦେଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗଣେଶ ମେକାପ ଗତ ୨୩ ତାରିଖରେ ଆକସ୍ମିକ ହୃଦ୍‌ଘାତରେ ପରଲୋକଗମନ କରିଥିଲେ। ସ୍ମୃତିଚାରଣ ସଭାରେ ତାଙ୍କ ସହପାଠୀ ତଥା ବିଧାୟକ ଗଣେଶ୍ୱର ବେହେରା, ଡ. ଦେବେନ୍ଦ୍ର ବେହେରା, ଇଂ. ବିଷ୍ଣୁ ଚରଣ ବେହେରା, ବାବାଜୀ ନାରାୟଣ ଦାସ, ଡା. ପ୍ରଫୁଲ୍ଲ କୁମାର ସାମଲ, ଡ. ଦେବ କୁମାର ବସନ୍ତିଆ, ନିରଞ୍ଜନ ପରିଡ଼ା, ସମାଜସେବୀ ତଥା ବିଜେଡି ନେତା ରଞ୍ଜିତ ସାହୁ, ବିଜେଡି ଟାଉନ ସଭାପତି ଯଯାତି କେଶରୀ ମହାନ୍ତି, ରାଜେଶ ପଣ୍ଡା, କାଉନସିଲର କାଳୀପ୍ରସାଦ ମିଶ୍ର, ନିରାକାର ସ୍ୱାଇଁ, ଦୁର୍ଗା ପ୍ରସାଦ ପତି, ରାଜେଶ ଦାସ ଓ ରାଜେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ବସ୍ତାରେ ଏକ ହେଲେ ୩ ସାମ୍ବାଦିକ ସଙ୍ଘ: ସାଧାରଣ ଲୋକଙ୍କ ସ୍ୱର ହେବ ଚତୁର୍ଥ ସ୍ତମ୍ଭ

ବସ୍ତା, ୪/୧୦(ନିପ୍ର): ବସ୍ତା ରେଥିବା ତିନୋଟି ସାମ୍ବାଦିକ ସଂଘ ରେ କାର୍ଯ୍ୟରତ ବିଭିନ୍ନ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ସାମ୍ବାଦିକମାନେ ଏକତାର ସୂତ୍ରରେ ବାନ୍ଧି ହୋଇଛନ୍ତି। ବିଭିନ୍ନ ସାମ୍ବାଦିକ ସଂଗଠନକୁ ଏକତ୍ର କରି ବସ୍ତା ପ୍ରେସ କ୍ଲବକୁ ସୁସଂଗଠିତ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ଓ ଦୁର୍ନୀତି ବିରୋଧରେ ଏକଜୁଟ ହୋଇ ଲଢ଼ିବାକୁ ସାମ୍ବାଦିକମାନେ ଶପଥ ନେଇଛନ୍ତି ।ମାଥାନି ଗହିରସିମୁଳି ଆ ସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ ଅପରାହ୍ଣ ସମ୍ବାଦପତ୍ରର ମୁଖ୍ୟ ବଂଶୀଧର ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବସ୍ତା ପ୍ରେସ କ୍ଲବର ସଭାପତି ରାମଚନ୍ଦ୍ର ଦେବ, ବସ୍ତା ସାମ୍ବାଦିକ ସଂଘର ସଭାପତି ଦୀନବନ୍ଧୁ ପ୍ରଧାନ, ପ୍ରେସ କ୍ଲବ ବସ୍ତାର ସଭାପତି ବିଜୟ କୁମାର ଭୂୟାଁଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ। ବୈଠକରେ ବସ୍ତା ବ୍ଲକରେ ରହିଥିବା ବିଭିନ୍ନ ସାମ୍ବାଦିକ ସଂଗଠନକୁ ଏକତାର ସୂତ୍ରରେ



ବାନ୍ଧି ସାମ୍ବାଦିକଙ୍କ ମଧ୍ୟରେ ଶୃଙ୍ଖଳା, ଭାଇଚାରା ଓ ସାମ୍ବାଦିକତାର ମର୍ଯ୍ୟାଦା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସର୍ବସମ୍ମତିକ୍ରମେ ସର୍ବପୁରାତନ ସରକାରୀ ସ୍ୱୀକୃତିପ୍ରାପ୍ତ ବସ୍ତା ପ୍ରେସ କ୍ଲବକୁ ସୁସଂଗଠିତ କରିବା ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।ଏହି ଅବସରରେ ବସ୍ତା ପ୍ରେସ କ୍ଲବର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରାମଚନ୍ଦ୍ର ଦେବ, କାର୍ଯ୍ୟକାରୀ ସଭାପତି ଭାବେ ଦୀନବନ୍ଧୁ ପ୍ରଧାନ, ଉପସଭାପତି ଭାବେ ବିଜୟ କୁମାର ଭୂୟାଁ, ସାଧାରଣ ସମ୍ପାଦକ ଭାବେ ହରିଶଙ୍କର ପାଢ଼ୀ, ସମ୍ପାଦକ ଭାବେ ରବିନାରାୟଣ ଶତପଥୀ ଓ ରଞ୍ଜନ କୁମାର ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ରାଜେଶ କୁମାର ଗିରିଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ଶିରୀଶ ଚନ୍ଦ୍ର ମହାନ୍ତି, ପ୍ରସନ୍ନ କୁମାର ପାତ୍ର, ଦୀପକ କୁମାର ପରିଡ଼ା, ପୃଥୁନାଥ ମଣ୍ଡଳ, ଉମାକାନ୍ତ ମହାନ୍ତି ଓ ସୁଶାନ୍ତ କୁମାର ପ୍ରଧାନଙ୍କୁ ଚୟନ କରାଯାଇଥିବା ବେଳେ ମିଡିଆ ସଂଯୋଜକ ଭାବେ ଅଜିତ କୁମାର ସାହୁ ଓ ଭରତ କୁମାର ଦାସଙ୍କ ନାମ ଗୃହୀତ ହୋଇଥିଲା। ନିମନ୍ତ୍ରିତ ଅତିଥି ଭାବେ ବଂଶୀଧର ଜେନା ଓ ମହାଦେବ ଦାସଙ୍କୁ ମନୋନୀତ କରାଯାଇଥିଲା।ବସ୍ତା ବ୍ଲକର ସମସ୍ତ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବା ସହ ଦୁର୍ନୀତି ବିରୋଧରେ ନିର୍ଭୀକ ଭାବେ ଲଢ଼ି ଚତୁର୍ଥ ସ୍ତମ୍ଭର ଭୂମିକାକୁ ଆହୁରି ଶାଣିତ କରିବାକୁ ଶପଥ ନେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ଏସ୍ ?.କେ. ଜଗୁରୁଦ୍ଦିନ, ମଧୁସୂଦନ ପଣ୍ଡିତ, ଜୟନ୍ତ ବେହେରା, ବସନ୍ତ ଭଦ୍ର, ପ୍ରଶାନ୍ତ ସେନାପତି, ବେଣୁଧର ଦାସ, ସୀତାକାନ୍ତ ଦାସ, ଭଜହରୀ ପରିଡ଼ା, ଦେବାଶିଷ ସେଠୀ, ଜଗତ କୁମାର ଗିରି, ବିଷ୍ଣୁପଦ ପତି, ରାଜେଶ ବେହେରା ଓ ଜନ୍ମଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦେବାଶିଷ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀସାଗର ପୋଖରୀ ପୁନଃଉଦ୍ଧାର କାର୍ଯ୍ୟର କଚ୍ଛପଗତି ବିରୁଦ୍ଧରେ ସିପିଆଇ(ଏମ)ର ପ୍ରତିବାଦ



ନୀଳଗିରି,୦୪/୧୦ (ନି.ପ୍ର): ଲକ୍ଷ୍ମୀସାଗର ପୋଖରୀକୁ ସୋର କେନାଲ ଡିଭିଜନ କେନାଲ ଖୋଳିବା ବାହାନାରେ ପୋତି ଦେଇଥିଲା । କୌଣସି ଜଳାଶୟକୁ ପୋତିପାରିବେ ନାହିଁ କି ତାର କିସମ ପରିବର୍ତ୍ତନ କରି ପାରିବେ ନାହିଁ ବୋଲି ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଆଇନ୍ ଅଛି ।ଏହାକୁ ବେଖାତିରକରି ସୋର କେନାଲ ଡିଭିଜନ ଲକ୍ଷ୍ମୀସାଗର ପୋଖରୀକୁ ପୋତିଦେଇଥିବା ଯୋଗୁଁ ତାକୁ ବିରୋଧକରି ନୀଳଗିରିର ବିଭିନ୍ନ ରାଜନୈତିକ ସଂଗଠନ ପକ୍ଷରୁ ପୋଖରୀର ପୁନରୁଦ୍ଧାର ପାଇଁ ଦାବୀ ହୋଇଥିଲା ।ସିପିଆଇ (ଏମ) ଦଳ ତରଫରୁ ମଧ୍ୟ ପ୍ରଶାସନ ଠାରେ ଉକ୍ତ ପୋଖରର ପୁନରୁଦ୍ଧାର ଦାବି ହୋଇଥିଲା। ପ୍ରଶାସନ ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ସୋର କେନାଲ ଡିଭିଜନକୁ ଲକ୍ଷ୍ମୀସାଗର ପୋଖରୀକୁ ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ସୋର କେନାଲ ଡିଭିଜନ ଉକ୍ତ କାର୍ଯ୍ୟକୁ ସଠିକ ଢଙ୍ଗରେ ନକରି ମନମାନି କାର୍ଯ୍ୟକରିଛି ।ଏହାକୁ ପ୍ରତିବାଦକରି ସିପିଆଇ (ଏମ)ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଉକ୍ତ କାର୍ଯ୍ୟକୁ ସଠିକ ଭାବେ ସମ୍ପୂର୍ଣ୍ଣ କରିବାପାଇଁ ଦାବୀ କରିଛନ୍ତି । ଉକ୍ତ ପୋଖରୀକୁ ସଠିକ ଭାବେ ପୁନରୁଦ୍ଧାର ନହେଲେ ବାଲିଗୋହିରି ଗ୍ରାମବାସୀଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ଆଜି ଗ୍ରାମବାସୀଙ୍କ ତରଫରୁ ହେମ୍ବ୍ରମ ସେଠୀ,ପ୍ରଦୀପ ମିଶ୍ର, ଉମାକାନ୍ତ ଷଡଙ୍ଗୀ, ଗୌରହରି ଦାସଙ୍କ ସମେତ ବହୁଲୋକ ଉପସ୍ଥିତରହି ପୋଖରୀର ପୁନରୁଦ୍ଧାର ସଠିକ ଭାବେ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ବହୁ ପ୍ରତିକ୍ଷୀତ ଫିଲ୍ମ ଦେବକନ୍ୟାର ପୋଷ୍ଟର ଉନ୍ମୋଚନ, ଟ୍ରେଲର ଓ ଗୀତ ରିଲିଜ୍

ଭୁବନେଶ୍ୱର,୦୪/୧୦ (ନି.ପ୍ର): ବହୁ ପ୍ରତିକ୍ଷୀତ ଓଡ଼ିଆ ଚଳଚ୍ଚିତ୍ର ଦେବକନ୍ୟା ର ପୋଷ୍ଟର ଉନ୍ମୋଚନ ହେବା ସହିତ ଟ୍ରେଲର ଏବଂ ଗୀତ ରିଲିଜ୍ ହୋଇଛି । ଏହି ଅବସରରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ, ରାଜାରାଣୀ ମଣ୍ଡଳର ସଭାପତି ସଂଗ୍ରାମ ମାର୍ଥା ଯୋଗଦେଇଥିଲେ । ତାଙ୍କ ସହିତ ଦେବକନ୍ୟାର ପ୍ରଯୋଜକ ସୁରେଶ କୁମାର ସାହୁ, ନିର୍ଦ୍ଦେଶକ ରାଶେଷ ମହାନ୍ତି, ଅଭିନେତା କୁନା ତ୍ରିପାଠୀ, ରବି ମିଶ୍ର, କେଦାର ମିଶ୍ର, ଦେବ୍, ନାୟକ ଶୁଭାଶିଷ ଶର୍ମା (ମଣ୍ଟୁ), ନାୟିକା ସୁଶ୍ରୀ ମିଶ୍ର, ନୃତ୍ୟ ନିର୍ଦ୍ଦେଶକ ଲୁବୁନ, ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଗୀତିକାର ବିରଞ୍ଚି ନାରାୟଣ, କଣ୍ଠଶିଳ୍ପୀ ଅଭିଜିତ ମିଶ୍ର, ନିଶାନ୍ତ ମିଶ୍ର, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀଙ୍କ ସମେତ ଦେବକନ୍ୟା ଟିମ୍ ର ସମସ୍ତ ଟେକ୍ନିସିଆନ୍ସ ଯୋଗଦେଇଥିଲେ । ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ର କୁ ସୁରେଶ କୁମାର ସାହୁ ଏବଂ ଭୈରବୀ ତ୍ରିପାଠୀ ପ୍ରଯୋଜନା କରିଛନ୍ତି । ଶଙ୍କର ତ୍ରିପାଠୀଙ୍କ ଲିଖିତ ଏହି ଚଳଚ୍ଚିତ୍ରକୁ ବହୁ ଅଭିଜ୍ଞ ରାଶେଷ ମହାନ୍ତି (ସିଲୁ) ନିର୍ଦ୍ଦେଶନା ଦେଇଛନ୍ତି । ବାପି ବାବୁ ଚିତ୍ରତ୍ତୋଳନ କରିଥିବା ବେଳେ ଚନ୍ଦ୍ର ଶେଖର ମିଶ୍ର ଏହାକୁ ସମ୍ପାଦନା



କରିଛନ୍ତି । ଲଭର୍ ବୟ, ଚକୋଲେଟ୍ ବୟ ଚରିତ୍ରରେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଶୁଭାଶିଷ ଶର୍ମା (ମଣ୍ଟୁ) ଉଭୟ ଦେବ ଏବଂ କନ୍ୟା ଚରିତ୍ରରେ ନଜର ଆସିବେ । ପୁରୀ ମାଟିର ଏକ ପାରମ୍ପରିକ ଘୋଡା ନାଚକୁ ନେଇ କାହାଣୀ ଗତିଶୀଳ ହୋଇଛି । ଘୋଡ଼ାନାଚରେ ଝିଅ ବେଶ ହୋଇ ନାଚୁଥିବା ଜଣେ ପୁଅର କାହାଣୀ ଦେଖିବାକୁ ମିଳିବ ଏ ଚଳଚ୍ଚିତ୍ରରେ। ଝିଅ ବେଶରେ ନାଚି ନାଚି ଶେଷକୁ ପୁଅଟିର ଅଙ୍ଗଭଙ୍ଗୀ, କଥା କହିବା ଢଙ୍ଗ, ଆଚରଣ ସବୁକିଛି ଝିଅ ଭଳି ହୋଇଯାଏ । ମା' ମଙ୍ଗଳାଙ୍କ ପ୍ରତି ସମର୍ପିତ ଥିବାରୁ ଏ ଝିଅଟିର ନାଁ ରଖାଯାଏ ଦେବକନ୍ୟା । ତେବେ କାହାଣୀ ଶେଷରେ କିଭଳି ପରିସମାପ୍ତି ହୁଏ, ତାହା ରିଲିଜ ହେବା ପରେ ଦର୍ଶକ ଜାଣିବେ । ଏହି ଫିଲ୍ମରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି, ପରମ୍ପରାର ଝଲକ୍ ରହିଛି। ତେବେ ଆସନ୍ତା ନଭେମ୍ବର ମାସରେ ଦେବକନ୍ୟା ମୁକ୍ତିଲାଭ କରିବାକୁ ପ୍ରଯୋଜନା ସଂସ୍ଥା ତରଫରୁ ଘୋଷଣା କରାଯାଇଛି ।

# ଶ୍ୟାମସୁନ୍ଦରପୁର ଜନକଲ୍ୟାଣ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ନୀଳଗିରି ,୦୪/୧୦ (ନି.ପ୍ର): ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ରକ୍ତଦାନଶିବିର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ପୁରୁଷୋତ୍ତମ ସେଠୀ ଯୋଗଦେଇ ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଂଗଠନର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସହ ସୁକାନ୍ତ ଦାସ, ଜ୍ଞାନରଞ୍ଜନ ବାରିକ, ଜୟନ୍ତ ବେହେରା, ଲକ୍ଷ୍ମୀଧର ଦାସ, ରାଜୀବଲୋଚନ ପଣ୍ଡା, ଶୁଭ୍ରମୟ ରାଉତ, ପ୍ରିୟରଞ୍ଜନ ବେହେରା, ଲକ୍ଷ୍ମୀଧର ସ, ପୂର୍ଣ୍ଣଚନ୍ଦ୍ର ବେଜ, ମିନତୀ ଦାସ, ମନୋରମା ଜେନା ପ୍ରମୁଖ ସଂଗଠନର ବହୁସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରୁ ମୋଟ ୩୦ୟୁନିଟ ରକ୍ତସଂଗ୍ରହ ହୋଇଥିବା ସୂଚନା ମିଳିଛି।ରକ୍ତଦାନ ଭଳି ମହତ୍‌କାର୍ଯ୍ୟ ମାଧ୍ୟମରେ ଜନସାଧାରଣଙ୍କୁ ସେବା ଯୋଗାଇବା ସହ ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ପ୍ରେରଣା ଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

# ଜାତୀୟ ସେବା ଯୋଜନା ତରଫରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ

ଉଦଳା , ୦୪/୧୦ (ନି.ପ୍ର): ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ଓ ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା ତରଫରୁ ଚଳିତ ଅକ୍ଟୋବର ୨ତାରିଖ ଶୁକ୍ରବାର ଦିନ ଗାନ୍ଧୀ ଜୟନ୍ତୀ ଅବସରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଦିବସବ୍ୟାପି ଶୋଭାଯାତ୍ରା, ସାଧାରଣ ସଭା ଓ ସଫେଇ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା । ମେଘାସନ ମହାବିଦ୍ୟାଳୟର +୨ ଓ +୩ର ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ନିକଟସ୍ଥ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ପହଂଚିଥିଲେ ।




ଏଠାରେ ସଫେଇ କରିବା ପରେ ଏକ ସାଧାରଣ ସଭାରେ ଯୋଗଦେଇଥିଲେ । ପ୍ରାଧ୍ୟାପକ ସରୋଜ କୁମାର ମହାନ୍ତି ଏହି ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଲବ ଟୁଡୁ ଓ ଅଧ୍ୟାପିକା ଡ଼. କମଳିନି ପଣ୍ଡା ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ସେହିପରି ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଥିବା +୨ ଓ +୩ର ଛାତ୍ରୀ ମାନେ ମିଳିତ ଭାବରେ ଏକ ଶୋଭାଯାତ୍ରାରେ ବାହାରି ଉଦଳା ସହର ପରିକ୍ରମା କରିବା ସହ ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର କିପରି ପରିବେଶ ପ୍ରତି ଭୟଙ୍କର ବିପଦ ଡ଼ାକି ଆଣୁଛି ସମସ୍ତଙ୍କୁ ଅବଗତ କରରାଇଥିଲେ । ପରେ ଅନୁଷ୍ଠିତ ସାଧାରଣ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଅଧ୍ୟକ୍ଷତା କରି ମହାତ୍ମାଗାନ୍ଧୀ କିପରି ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେବା ସହ ସାବରମତି ଆଶ୍ରମରେ ନିୟମିତ ନିଜକୁ ସଫେଇ କାର୍ଯ୍ୟରେ ନିୟୋଜିତ କରୁଥିଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଜାଶଙ୍କର ପାତ୍ର ଓ ଅଧ୍ୟାପିକା ମେରିନା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ ।

## ୯୦ବର୍ଷ ବୟସର ବିଧବା ମା'ଙ୍କୁ ମିଳୁଛି ଏକ ହଜାର ଟଙ୍କା ଭତ୍ତା

ଉଦଳା , ୦୪/୧୦ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ପାଟପୁର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବିଧବା ମା' ସମ୍ବାରି ଖଣ୍ଡେଇ ବର୍ତମାନ ଏକ ହଜାର ଟଙ୍କା ମାସିକ ଭତା ପାଉଥିବାର ଜଣାଇଛନ୍ତି । ତାଙ୍କର ସ୍ୱାମୀ ଗଙ୍ଗା ଖଣ୍ଡେଇଙ୍କର ଦିର୍ଘ ବର୍ଷ ତଳୁ ଦେହାନ୍ତ ହୋଇ ଯାଇଥିବାର କଥା କହିଛନ୍ତି । ଆଧାରକାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ସମ୍ବାରି ବର୍ତମାନ ୯୦ବର୍ଷ ବୟସରେ ପଦାର୍ପଣ କଲେ । ୮୦ବର୍ଷ ବୟସରୁ ଉର୍ଦ୍ଧ ବ୍ୟକ୍ତି ବିଶେଷଙ୍କୁ ମାସିକ ୩୫୦୦ଟଙ୍କା ଭତା ପ୍ରଦାନ କରାଯାଉଛି ବୋଲି ସରକାର ଘୋଷଣା କରିଛନ୍ତି । କିନ୍ତୁ ସମ୍ବାରି କାହିଁକି ଏଥିରୁ ବଂଚିତ ଅଛନ୍ତି ତାହା କାହାକୁ ଜଣାନଥିବାର ଜଣାଯାଇଛି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ତେବେ ସମ୍ବାରି ଜଣେ ଆଦିବାସୀ ବିଧବା ମା' ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ତାଙ୍କୁ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟ ସରକାର ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଫର୍ମ-୬ରୁ ଅତିରିକ୍ତ ...

ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ। ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ। ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ। ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ। ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ତେଣୁ, ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ।

## ନୂଆ ରୂପରେ ଫେରିଛି ...

ଓଏଫ୍‌ଡିସି ପୁଣି ଏକ କ୍ଷତିକାରୀ ସଂସ୍ଥାରେ ପରିଣତ ହେବାର ଆଶଙ୍କା ଘନେଇବାରେ ଲାଗିଲାଣି। ଓଏଫ୍‌ଡିସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜସ୍ୱ ସଂଗ୍ରହ ପାଇଁ ବିଭିନ୍ନ ମାଧ୍ୟମ ଚୂଡ଼ାନ୍ତ କରାଯାଇଛି। ଓଏଫ୍‌ଡିସି ପକ୍ଷରୁ ଷ୍ଟୁଡିଓ ମଧ୍ୟକୁ ପ୍ରବେଶ ଶୁଳ୍କ ନିର୍ଦ୍ଧାରଣ କରାଯାଇଛି। ଭୂତ ବଙ୍ଗଳା, ସ୍ନୋ ୱାର୍ଲ୍ଡ, ଆମ୍ୟୁଜମେଣ୍ଟ୍ ପାର୍କ ଆଦି ବୁଲିବା ପାଇଁ ପର୍ଯ୍ୟଟକଙ୍କୁ ଦେୟ ଦେବାକୁ ପଡ଼ିବ। ଏଥିସହ ଚଳଚ୍ଚିତ୍ର ସୁଟିଂ ପାଇଁ ବି ପ୍ରଯୋଜନା ସଂସ୍ଥା ପାଖରୁ ଦେୟ ଆଦାୟ ହେବ। ଫଳରେ ଷ୍ଟୁଡିଓ ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ବାହାରିପାରିବ ବୋଲି ଓଏଫ୍‌ଡିସି ଆଶା ରଖିଛି। ଆସନ୍ତାକାଲି କଳିଙ୍ଗ ଷ୍ଟୁଡିଓ ଉଦ୍‌ଘାଟନ ହେବା ସହ ପର୍ଯ୍ୟଟକଙ୍କୁ ଷ୍ଟୁଡିଓ ବୁଲିବା ପାଇଁ ସୁଯୋଗ ମିଳିବ। ରାଜଧାନୀର ପର୍ଯ୍ୟଟନ ମାନଚିତ୍ରରେ ଏହା ଦୁଇଟି ବଡ଼ ପଦକ୍ଷେପ ହେବ ବୋଲି କୁହାଯାଉଛି।

## ୟୁସିସି ଲାଗୁ ନେଇ...

କାର୍ଯ୍ୟକ୍ରମରେ ଶୁଭେନ୍ଦୁ ଅଧିକାରୀ ଲୋକଙ୍କୁ ଏକଜୁଟ ରହିବା ସହ ବିଭାଜନକାରୀ ଶକ୍ତିଠାରୁ ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି । ପଶ୍ଚିମବଙ୍ଗରେ କୌଣସି ଦେଶବିରୋଧୀ କାର୍ଯ୍ୟକଳାପକୁ ସରକାର ଅନୁମତି ଦେବ ନାହିଁ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ସରକାର ସମ୍ବିଧାନ ଅନୁଯାୟୀ କାମ କରିବ, କିନ୍ତୁ ଭାରତୀୟ ସଂସ୍କୃତି, ସନାତନ ପରମ୍ପରା, ମନ୍ଦିର-ମଠ ଏବଂ ସ୍ୱାମୀ ବିବେକାନନ୍ଦ ଓ ମହାପ୍ରଭୁ ଶ୍ରୀଚୈତନ୍ୟଙ୍କ ଦ୍ୱାରା ପ୍ରଚାରିତ ଐତିହ୍ୟ ଉପରେ କୌଣସି ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ । ଏହି ଅବସରରେ ଶୁଭେନ୍ଦୁ ଅଧିକାରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ସରକାର ଉପରେ ମଧ୍ୟ ଆକ୍ରମଣ କରିଥିଲେ । ଟିଏମସି ସରକାର ହିନ୍ଦୁ ଭାବନା, ସଂଗଠନ ଏବଂ ପରମ୍ପରାକୁ ଆଘାତ ପହଞ୍ଚାଉଥିବା ସେ ଅଭିଯୋଗ କରିଛନ୍ତି । ପଶ୍ଚିମବଙ୍ଗରେ ୧,୦୦୦ କୋଟି ଟଙ୍କା ବ୍ୟୟରେ ଏକ ଧାର୍ମିକ ପର୍ଯ୍ୟଟନ ସର୍କିଟ୍ ନିର୍ମାଣ କରାଯିବ ବୋଲି ମଧ୍ୟ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ପାଇଁ ପଶ୍ଚିମବଙ୍ଗବାସୀଙ୍କଠାରୁ ପରାମର୍ଶ ଓ ସହଯୋଗ ମଧ୍ୟ ସେ ଲୋଡ଼ିଛନ୍ତି ।

## ଅଶାନ୍ତ ବ୍ରହ୍ମଗିରି ଗୁଳିମାଡରେ ଯୁବକ...

ପୁଅ ତୋଫାନ ପାହଲ ସହିତ ଯୁକ୍ତିତର୍କ ପରେ ହଠାତ ବୁଲୁ ତୋଫାନ ଉପରକୁ ୪ ରାଉଣ୍ଡ ଗୁଳିମାଡ କରିଥିଲା । ଏଥିରେ ତୋଫାନ ଗୁରୁତର ହୋଇଥିଲା । ରାଜନୈତିକ କାରଣରୁ ବିବାଦ ସୃଷ୍ଟି ହୋଇଥିବା କୁହାଯାଉଛି । ବୁଲୁର ଗ୍ରାମ ନିକଟରେ ଥିବା ମଙ୍ଗଳା ରାଇସ ମିଲକୁ ବ୍ରହ୍ମଗିରି ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରୀ ସିଜ କରିଛନ୍ତି । ଘଟଣା ସ୍ଥଳରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଏସପି ସୁଶୀଲ ମିଶ୍ର, ସଦର ଏସଡିପିଓ ମାନସ ରଞ୍ଜନ ବାରିକ, ୪ଟି ଥାନାର ଆଇଆଇସି ତଦନ୍ତ ଆରମ୍ଭ କରିଛନ୍ତି । ଏକ ପ୍ଲାଟୁନ ପୋଲିସ ଫୋର୍ସ ଗ୍ରାମରେ ମୁତୟନ ହୋଇଛନ୍ତି ।

# ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାରେ ଦୃଷ୍ଟିହୀନ ବିଦ୍ୟାଳୟର ସଫଳତା

ବାଲେଶ୍ୱର, ୦୪/୧୦ (ନି.ପ୍ର): ଦୃଷ୍ଟିବାଧିତଙ୍କ ପାଇଁ ଆୟୋଜିତ ତୃତୀୟ ଓସିଏଭିସି ଦୃଷ୍ଟିବାଧିତଙ୍କ ପାଇଁ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍– ୨୦୨୬ ଚେସ୍ ପ୍ରତିଯୋଗିତାରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣା, ବାଲେଶ୍ୱରର ୧୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଚେସ୍ ପ୍ରତିଯୋଗିତା ୨୬ ଓ ୨୭ ସେପଟ୍ମ୍ବର ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ପ୍ରଚେଷ୍ଟା ଠାରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ୬୦ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର ଚେସ୍ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ




ମୋଟ ୧୦ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଚୟନ ପାଇଁ ମନୋନୀତ ହୋଇଥିବାବେଳେ, ସେଥିମଧ୍ୟରୁ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣା, ବାଲେଶ୍ୱରର ଦୁଇଜଣ ଛାତ୍ରୀ— ମେଘନା ସିଂହ ଓ ଇତିକ୍ରୀଷ୍ଟା ଭଞ୍ଜ—ରାଜ୍ୟସ୍ତରରେ ଚୟନ ହୋଇଛନ୍ତି। ଏହି ଦୁଇ ଛାତ୍ରୀ ୨୩ ରୁ ୨୫ ଅକ୍ଟୋବର ୨୦୨୬ରେ ଗୁଜରାଟରେ ଆୟୋଜିତ ହେବାକୁ ଥିବା ପରବର୍ତ୍ତୀ ଜାତୀୟ ସ୍ତରର ଚେସ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେମାନଙ୍କର ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଅଭିଭାବକମାନେ ଆନନ୍ଦ ପ୍ରକାଶ କରିବା ସହ ଦୁଇ ଛାତ୍ରଛାତ୍ରୀଙ୍କୁ ଆଗାମୀ ପ୍ରତିଯୋଗିତା ରେ ସଫଳତା ପାଇଁ ନିର୍ଦ୍ଦେଶକ ଶ୍ରୀ ଦିବାକର ସ ଶୁଭେଚ୍ଛା ଜଣାଇଛନ୍ତି।

# 'ସେବା ସଂକଳ୍ପ ଅଭିଯାନ'ରେ ବାଲେଶ୍ୱର ନଗର ବିଜେପି ପକ୍ଷରୁ ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୦୪/୧୦ (ନି.ପ୍ର): ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର ଦୀର୍ଘ ସେବା, ସମର୍ପଣ, ସୁଶାସନ ଓ ରାଷ୍ଟ୍ର ନିର୍ମାଣର ଗୌରବମୟ ଯାତ୍ରାକୁ ସ୍ମରଣ କରି ଦେଶବ୍ୟାପୀ ଭାବେ 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ବିଭିନ୍ନ ଜନସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ସେବା, ସମର୍ପଣ ଓ ମାନବିକତାର ଭାବନାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା। ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ସହରରେ ବିଜେପି ନଗରର ବାଣେଶ୍ୱର ଓ ଝାଡ଼େଶ୍ୱର ମଣ୍ଡଳ ପକ୍ଷରୁ ସହରର ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ଏକ ବିଶାଳ ରକ୍ତଦାନ ଶିବିର ଓ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଜନସେବା ଓ ସାମାଜିକ ଦାୟିତ୍ୱବୋଧକୁ ପ୍ରାଧାନ୍ୟ ଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା, ଯୁବବର୍ଗ ଓ ସାଧାରଣ ଲୋକ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ସାଂସଦ ଶ୍ରୀ ପ୍ରତାପ



ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦରର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ଏବଂ ବିଜେପି ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା ଯୋଗଦେଇ ଶିବିରରେ ଉପସ୍ଥିତ ରକ୍ତଦାତା, ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଯୁବକ-ଯୁବତୀ ଓ ସମସ୍ତ ରକ୍ତଦାତାଙ୍କୁ ଅତିଥିମାନେ ପ୍ରଶଂସା କରିବା ସହ ରକ୍ତଦାନ ଭଳି ମହତ୍ କାର୍ଯ୍ୟ ଅନ୍ୟ ଲୋକଙ୍କ ଜୀବନ ରକ୍ଷାରେ ଅମୂଲ୍ୟ ଭୂମିକା ନେଇଥାଏ ବୋଲି କହିଥିଲେ। ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଇଥିବା ରକ୍ତ ଅନ୍ୟ ଜଣଙ୍କ ପାଇଁ ଜୀବନର ଆଶା ହୋଇପାରେ। ତେଣୁ ନିୟମିତ ଓ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମାଜର ସଚେତନ ନାଗରିକମାନେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟପକ୍ଷରେ, ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ସାଧାରଣ ଲୋକଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକୀୟ ଚିକିତ୍ସା ପରାମର୍ଶ ଓ ସ୍ୱାସ୍ଥ୍ୟ ସଚେତନତା ପ୍ରଦାନ କରାଯାଇଥିଲା। ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା, ରୋଗର ପ୍ରାରମ୍ଭିକ ଲକ୍ଷଣକୁ ଅଣଦେଖା ନକରିବା ଏବଂ ସମୟୋପଯୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥିମାନେ କହିଥିଲେ ଯେ, 'ସେବା ହିଁ ସଂଗଠନର ଶକ୍ତି ଏବଂ ଜନସେବା ହିଁ ରାଜନୀତିର ମୂଳ ଲକ୍ଷ୍ୟ'। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୀର୍ଘ ସେବା ଯାତ୍ରା ଦେଶବାସୀଙ୍କୁ ସମାଜ ପାଇଁ କିଛି କରିବାର ପ୍ରେରଣା ଦେଇଆସିଛି। ତାଙ୍କର 'ସେବା, ସୁଶାସନ ଓ ଗରିବ କଲ୍ୟାଣ'ର ମନ୍ତ୍ରକୁ ଆଧାର କରି ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ହିଁ ଏହି ଅଭିଯାନର ପ୍ରକୃତ ଉଦ୍ଦେଶ୍ୟ ବୋଲି ସେମାନେ ପ୍ରକାଶ କରିଥିଲେ। ବାଲେଶ୍ୱରରେ ଆୟୋଜିତ ଏହି ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ 'ସେବା ସଂକଳ୍ପ'କୁ ଜନସାଧାରଣଙ୍କ ମଧ୍ୟରେ ଏକ ଜନଆନ୍ଦୋଳନରେ ପରିଣତ କରିବାର ଏକ ସାର୍ଥକ ପ୍ରୟାସ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତୃବୃନ୍ଦ, ମଣ୍ଡଳର ପଦାଧିକାରୀ, ଯୁବ କାର୍ଯ୍ୟକର୍ତ୍ତା, ମହିଳା କାର୍ଯ୍ୟକର୍ତ୍ତା, ସ୍ୱେଚ୍ଛାସେବୀ, ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଏହି ସେବା କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ମଣ୍ଡଳ ସଭାପତି ଧୀରଜ ମହାନ୍ତି ଓ ସୁଧାଂଶୁ ଶେଖର ପଣ୍ଡା, ଚନ୍ଦ୍ରଶେଖର ନନ୍ଦ, ଉପେନ୍ଦ୍ର ଶତପଥୀ, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ଭାଗବତ ସାହୁ, ଗୌରୀ ଦାଶ, ସସ୍ମିତା ନାଥ, ଶମ୍ଭୁ ସିଂହ, ପୂର୍ଣଚନ୍ଦ୍ର ନାୟକ, ଭାରତୀ ପାତ୍ର, ଆଶିଷ ଘୋଷ, ବିକାଶ ପାଢ଼ୀ, ମୁନା ମହନ୍ତ, ସୌଭାଗ୍ୟ ମାନସ ନାୟକ, ସୌମ୍ୟ ଶଙ୍କର ଦାଶ, ସସ୍ମିତା ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଉମେଶ ବେହେରା, ପ୍ରତାପ ପ୍ରଧାନ, ଯୋଗେନ ରଣା, ଜିତେନ୍ଦ୍ର ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଜାଗା ନଥିବାରୁ କୋଷ୍ଟ କେନାଲ ଉପରେ ନିର୍ମାଣ ହେଲା ଶ୍ମଶାନ ଗୃହ



ବାଲିଆପାଳ , ୦୪/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଜାମକୁଣ୍ଡା ଗ୍ରାମରେ ଶବ ସତ୍କାର କରିବା ପାଇଁ ଶ୍ମଶାନ ଗୃହ ନଥିବାରୁ ଶବକୁ କୈଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସତ୍କାର କରାଯାଇ ପାରୁନଥିଲା। ଗ୍ରାମରେ କାହାର ମୃତ୍ୟୁ ହେଲେ ଶବ ସତ୍କାର ପାଇଁ ଚିନ୍ତାରେ ପୋଡୁଥିଲେ ପରିବାର ଲୋକେ। ଏଠାରେ ସୁଚନା ଥାଉ କି ଗ୍ରାମର ଶ୍ମଶାନ କିସମ ଜାଗା ନଥିବାରୁ ସରକାରୀ ମୁକ୍ତି ଦ୍ୱାରା ହୋଇପାରି ନଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ନିଜ ଉଦ୍ୟମରେ ତିରିଶି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବଜେଟ୍ ରେ ଗାଁକୁ ଲାଗି ରହିଥିବା କୋଷ୍ଟ କେନାଲ ଉପରେ ଶ୍ମଶାନ ଗୃହ ନିର୍ମାଣ କରିଛନ୍ତି। ଉକ୍ତ ଗୃହଟିର ରବିବାର ଛାତ ପକାଯାଇଛି । ନିଜ ଉପାର୍ଜିତ ଅର୍ଥକୁ ବିନିଯୋଗ କରି ଗ୍ରାମବାସୀଙ୍କ ସହାୟତାରେ ନିର୍ମାଣ ହୋଇଥିବା ଶ୍ମଶାନ ଗୃହ ପାଇଁ ଖୁସି ବ୍ୟକ୍ତି କରିବା ସହିତ ସହାୟତାର ହାତ ବଢ଼େଇବା ପାଇଁ ଶଶ୍ମାନ ଗୃହ ପାଖରେ ପହଞ୍ଚିଥିଲେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକ ଏବଂ ସମାଜସେବୀ ହିମାଂଶୁ ରଣା। ଏହି ମହତ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଗ୍ରାମର ବିନୋଦ ବିହାରୀ ଜେନା ଶଶାଙ୍କ ଶେଖର ଦୀକ୍ଷିତ , ଜ୍ୟୋତିପ୍ରକାଶ ଜେନା ,ମୋହନ ଦାସ ,ପ୍ରମୋଦ ଜେନା,ଜଗନ୍ନାଥ ମାହାନା, ଗୟାଧର ଦାସ, ସୁଜୟ ଦେ , ନଗେନ୍ଦ୍ର ବିଶ୍ୱାଳ, ବିଜନ ଜେନା ,ସଞ୍ଜୟ ମିଶ୍ର, ଦିଲୀପ ସିଂହ, ଯୁଗୋଳ କିଶୋର ଜେନା, ବିନୟ ଭୂଷଣ ଦାସ, ଗିରିଧାରୀ ରଣା ,ମୃଣ୍ମୟ କୁମାର ସିଂହ, ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




# ପିଠାବଟା ପ୍ରବେଶପଥରେ ସିମିଲି କାଫେ ଉଦ୍‌ଘାଟିତ

## ବନ ନିର୍ଭରଶୀଳ ଆଦିବାସୀଙ୍କୁ ମିଳିବ ଜୀବିକା ସୁଯୋଗ

ବାରିପଦା , ୦୪/୧୦ (ନି.ପ୍ର): ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ପିଠାବଟା ପ୍ରବେଶପଥରେ 'ସିମିଲି କାଫେ' ଉଦଘାଟିତ ହୋଇଯାଇଛି। ଶୁକ୍ରବାର ଏହି କାଫେକୁ ଅନଲାଇନ ମାଧ୍ୟମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉଦଘାଟନ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜାଲି ମୁର୍ମୁ ଯୋଗଦେଇ ଶିମିଳିପାଳକୁ ଆସୁଥିବା ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ ସହିତ ଅଞ୍ଚଳର ବନ ନିର୍ଭରଶୀଳ ଆଦିବାସୀ ପରିବାରଙ୍କୁ ଜୀବିକା ସୁଯୋଗ ମିଳିବ ବୋଲି କହିଥିଲେ। ଶିମିଳିପାଳର ପାଦଦେଶରେ ଥିବା ଗୋବିନ୍ଦଚନ୍ଦ୍ରପୁର ଗ୍ରାମର ବାବା ବୁଢ଼େଶ୍ୱର ଇକୋ-ଡେଭଲପମେଣ୍ଟ କମିଟିର ସଦସ୍ୟମାନେ ଏହି କାଫେର ପରିଚାଳନା କରିବେ। ଏଠାରେ ମୟୂରଭଞ୍ଜ ଜିଲ୍ଲାର ପାରମ୍ପରିକ ଖାଦ୍ୟ ସହ ବିଭିନ୍ନ ପ୍ରକାର ଜଳଖିଆ ଓ ପାନୀୟ ମିଳିବ। କାଫେଟି ପ୍ରତିଦିନ ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହା ଏଫଏସଏସଏଆଇ ଦ୍ୱାରା ପଞ୍ଜୀକୃତ ହୋଇଛି। କାଫେରେ ଶିମିଳିପାଳ ଓ ବନ୍ୟପ୍ରାଣୀ ସମ୍ପର୍କିତ ପୁସ୍ତକ ଥିବା ଏକ ଛୋଟ ପାଠାଗାର ମଧ୍ୟ ରହିବ। ଏଥିସହ ଶିମିଳିପାଳ ଥିମରେ ପ୍ରସ୍ତୁତ ସ୍ମାରକୀ ସାମଗ୍ରୀ ଏବଂ 'ଆମ ଶିମିଳିପାଳ ଯୋଜନା' ଅଧୀନରେ ସୀମାନ୍ତ ଗ୍ରାମର ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ହେବ। ଛୋଟ ଉତ୍ସବ ଓ ବୈଠକ ପାଇଁ ମଧ୍ୟ ଏଠାରେ ସୁବିଧା ରହିବ। କାଫେ ପରିଚାଳନା ପାଇଁ ଇଡିସିର ୫ ଜଣ ମହିଳା ସଦସ୍ୟଙ୍କୁ ରୋଷେଇ ଓ ଆତିଥ୍ୟ ପରିଚାଳନା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ଶିମିଳିପାଳ ଜାତୀୟ ଉଦ୍ୟାନ ସହ ସୀତାକୁଣ୍ଡ, ଲୁଲୁଙ୍ଗ ଓ ବାଲିଡିହା ଡ୍ୟାମ ଭଳି ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକମାନେ ଏହି କାଫେର ସୁବିଧା ପାଇପାରିବେ।

ସୋମବାର, ଅକ୍ଟୋବର ୦୫, ୨୦୨୬

ଧ୍ୱନି ପ୍ରତିଧ୍ୱନି

# ଏସଆଇଆର ରଦ୍ଦ ହେଉ, ବାଲାଟ ପେପରରେ ନିର୍ବାଚନ କରାଯାଉ: ରାଜ ଠାକରେ

ମୁମ୍ବାଇ, ୦୪/୧୦ : ମହାରାଷ୍ଟ୍ର ନବନିର୍ମାଣ ସେନା (ମନସେ) ଅଧ୍ୟକ୍ଷ ରାଜ ଠାକରେ ରବିବାର ମୁମ୍ବାଇରେ ଆୟୋଜିତ 'ଗର୍ଜନା ମୋର୍ଚ୍ଚା'ରେ ମହାରାଷ୍ଟ୍ରରେ ଏସଆଇଆରକୁ ରଦ୍ଦ କରିବା ସହ ସମସ୍ତ ନିର୍ବାଚନ ବାଲାଟ୍ ପେପରରେ କରାଇବାକୁ ଦାବି କରିଛନ୍ତି। ଏହା ପୂର୍ବରୁ ଶିବସେନା ୟୁବିଟି ଏବଂ ମନସେ ପକ୍ଷରୁ ଆୟୋଜିତ ଗର୍ଜନା ବିରୋଧ ମାର୍ଚ୍ଚ ମେଟ୍ରୋ ସିନେମାରୁ ଆରମ୍ଭ ହୋଇ ମୁମ୍ବାଇ ମହାନଗର ନିଗମ ଦେଇ ଆଜାଦ ମଇଦାନ ପର୍ଯ୍ୟନ୍ତ ଯାଇଥିଲା। ରାଜ ଠାକରେ ଆଜାଦ ମଇଦାନରେ ଶିବସେନା ୟୁବିଟି ଏବଂ ମନସେ ପକ୍ଷରୁ ଆୟୋଜିତ ଗର୍ଜନା ମୋର୍ଚ୍ଚାକୁ ସମ୍ବୋଧିତ କରୁଥିଲେ। ଏହି ଅବସରରେ ଶିବସେନା ୟୁବିଟି ଅଧ୍ୟକ୍ଷ ଉଦ୍ଧବ ଠାକରେ, ରାକାଂପାର ରାଜ୍ୟ ଅଧ୍ୟକ୍ଷ ଶଶିକାନ୍ତ ଶିନ୍ଦେ, କଂଗ୍ରେସର ବରିଷ୍ଠ ନେତା ବାଲାସାହେବ ଥୋରାତ ପ୍ରମୁଖ ଉପସ୍ଥିତ ଥିଲେ। ମନସେ ଅଧ୍ୟକ୍ଷ ରାଜ ଠାକରେ କହିଥିଲେ ଯେ, ୨୦୨୪ ମସିହାର ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ହଠାତ୍ ୪୦ରୁ ୬୦ ଲକ୍ଷ ଭୋଟର ବଢ଼ିଗଲେ। ଏହା ରେ ଏସଆଇଆର ନାମରେ ମହାରାଷ୍ଟ୍ରରେ ୨ କୋଟି ଏବଂ ସମଗ୍ର ଦେଶରେ ୧୩ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଛି। ସବୁକିଛି ମନମୁଖୀ ଭାବେ କରାଯାଉଛି। କ୍ଷମତାରେ ଥିବା ଲୋକଙ୍କ ପ୍ରତି ତାଙ୍କର କୌଣସି ଅସନ୍ତୋଷ ନାହିଁ, କିନ୍ତୁ ସେମାନେ କେଉଁ ପ୍ରକ୍ରିୟାରେ କ୍ଷମତାରେ ଆସିଛନ୍ତି, ତାହାକୁ ନେଇ ଅସନ୍ତୋଷ ରହିଛି। ତେଣୁ ଏସଆଇଆରକୁ ରଦ୍ଦ କରି ନିର୍ବାଚନ ବାଲାଟ୍ ପେପରରେ କରାଯିବା ଉଚିତ। ଏହା ଦ୍ୱାରା ସବୁ ସତ୍ୟ ସ୍ପଷ୍ଟ ହୋଇଯିବ। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକରେ କହିଥିଲେ ଯେ, ଦେଶରେ ଏସଆଇଆର ସମ୍ପୂର୍ଣ୍ଣ ଭାବେ ବେଆଇନ। ତେଣୁ ଏହାକୁ ରଦ୍ଦ କରାଯିବା ଉଚିତ। ସେ କହିଥିଲେ ଯେ, ଏସଆଇଆର ପ୍ରକ୍ରିୟା ଆରମ୍ଭ କରିବା ସମୟରେ କୁହାଯାଇଥିଲା ଯେ ଭୋଟର ତାଲିକାରେ ବହୁ ସଂଖ୍ୟକ ବାଂଲାଦେଶୀଙ୍କ ନାମ ରହିଛି ଏବଂ ସେଗୁଡ଼ିକୁ ହଟାଇବା ପାଇଁ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏସଆଇଆର ପ୍ରକ୍ରିୟାରେ କେତେଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଛି, କେନ୍ଦ୍ର ସରକାର ଏହାର ଉତ୍ତର ଦେବା ଉଚିତ। ଏହାର ସଂଖ୍ୟା ସରକାର ସାର୍ବଜନୀନ କରିବା ଉଚିତ ବୋଲି ସେ କହିଥିଲେ।

# ଗଜାନନ କମିଟି ତରଫରୁ ରକ୍ତଦାନ ଶିବିର ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ



ଭଦ୍ରକ , ୦୪/୧୦ (ନି.ପ୍ର): ରକ୍ତିଦାନ ହେଉଛି ମାନବ ସମାଜ ପ୍ରତି ସର୍ବଶ୍ରେଷ୍ଠ ଅବଦାନ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ମଣିଷର ରକ୍ତର ରଙ୍ଗ ଲାଲ୍। ତେଣୁ ରକ୍ତିଦାନ ମାଧ୍ୟମରେ ଆମେ ଭାତୃଭାବ ଓ ଏକତାର ବାର୍ତ୍ତା ବାଣ୍ଟି ପାରିବା । ରକ୍ତିଦାନ କେବଳ ଗ୍ରହୀତା ପାଇଁ ନୁହେଁ, ଦାତାଙ୍କ ପାଇଁ ମଧ୍ୟ ଲାଭଦାୟକ ବୋଲି ମୁଖ୍ୟ ଅତିଥି ଭାବେ ଏସ.ପି. ମନୋଜ ରାଉତ ଯୋଗଦେଇ କହିଛନ୍ତି । ଏହା ଶରୀରରେ ନୂତନ ରକ୍ତକଣିକା ସୃଷ୍ଟି କରିବାରେ ସାହାଯ୍ୟ କରେ। ନିୟମିତ ରକ୍ତଦାନ କଲେ ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗର ଆଶ୍ୱାସନା କମିଥାଏ ବୋଲି ଅତିଥି ମାନେ କହିଥିଲେ ସାମ୍ବାଦିକ ତଥା ଗଜାନନ କମିଟି ର ମାର୍ଗ ଦର୍ଶକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି । ସମାଜସେବୀ ତଥା ବିଧାୟକ ଙ୍କ ପ୍ରତିନିଧି ଶେଖର ମହାପାତ୍ର ଉତ୍ସବକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସମ୍ମାନୀତ ଅତିଥି ଭାବେ ଅଧିବକ୍ତା ସୁରଜିତ ପାଲ, ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି,ବୁଢ଼ା ଗଣେଶ ମୁଖ୍ୟ ବିଦ୍ୟାଧର ସାହୁ,ଯାଦବ ନେତା ହରେକୃଷ୍ଣ ପଲେଇ, ସାମ୍ବାଦିକ ସୁଭାଶିଷ ଦ୍ୱିବେଦୀ, କବି ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ କ୍ଷଶକ୍ତି ସ୍ୱରୂପ ମହିଳା ସଂଗଠନ ର ସଭାପତି ଶଶିକଳା ମିଶ୍ର ସଙ୍ଗୀତ ଗାନ କରିଥିଲେ। ଉପସଭାପତି ଅନିତା ରାୟ, ସଦସ୍ୟା ସୀମା ରାଉତ ପ୍ରମୁଖ ଅତିଥି ଙ୍କୁ ସ୍ୱାଗତ କରିଥିଲେ। କମିଟିର ସଭାପତି ସନିଆ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶିବା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ନାୟକ, ବଣ୍ଟି ନାୟକ, କାଳନ୍ଦୀ ନାୟକ ପ୍ରମୁଖ ସଭା ପରିଚାଳନା କରିଥିଲେ।

# ସମାଜସେବୀ ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତଦାନ ଶିବିର

ବାଲେଶ୍ୱର, ୦୪/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରକ୍ତ କେନ୍ଦ୍ର ପରିସରରେ ଥାଲାସେମିଆ ପୀଡ଼ିତ ଶିଶୁ ଓ ରୋଗୀମାନଙ୍କ ସହାୟତା ପାଇଁ ଏକ ସ୍ୱତନ୍ତ୍ର ରକ୍ତଦାନ ଶିବିର ପରିବେଶବିତ୍ ତଥା ଜଣା ଶୁଣା ସମାଜସେବୀ ସୁମନ୍ତ କୁମାର ଜେନା ଓ ତାଙ୍କ ସହଧର୍ମିଣୀ ସୁଲୋଚନା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି କ୍ଷ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ମହତ୍ ଶିବିରକୁ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର




ଉପାଧ୍ୟାୟ,ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ଇଂ. ହୃଷୀକେଶ ସାହୁ, ସହଦେବ ଖୁଣ୍ଟିଆ ଆଇ ଆଇ ସି ଆଲୋକସାହୁ, ସାଙ୍ଗଠନିକ ସମ୍ପାଦକ ସୀମନ ଦାସ ମହାପାତ୍ର, କବି ପ୍ରଶାନ୍ତ ଦାସ, ଯୁବ , ସମାଜସେବୀ ତଥା ଆଇନଜିବି ସାଇରୁଲ ହକ, ଯୁବ ସମାଜସେବୀ ବିକାଶ ପାଢ଼ୀ,ଜେ ଜେ ଟ୍ୟୁଟୋରିଆଲର ନିର୍ଦ୍ଦେଶକ ଜଗନ୍ନାଥ ସାସମଲ, ସମାଜସେବୀ ଆଶ୍ରିତା ତରେଇ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସମୟ ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା, ସମାଜସେବୀ ସୁଶାନ୍ତ ଧଳ, ପ୍ରଶାନ୍ତ ଧଳ, ହେମନ୍ତ ସାହୁ ବିରେନ୍ଦ୍ର ବେଉରିଆ ପ୍ରମୁଖ ଯୋଗଦେଇରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିଲେ । ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସାମ୍ପ୍ରତିକ ସମୟରେ ଥାଲାସେମିଆ ରୋଗୀଙ୍କ ପାଇଁ ଦେଖାଦେଉଥିବା ରକ୍ତ ସଙ୍କଟକୁ ଦୂର କରିବା ପାଇଁ ପ୍ରତ୍ୟେକ ମାସ ଶ୍ରୀ ଜେନାଙ୍କ ଦ୍ୱାରା ଏହି ମହତ୍ କାର୍ଯକ୍ରମ ହୋଇଆସୁଛି ।ଏହି ମହତ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅଞ୍ଚଳର ବହୁ ସଂଖ୍ୟକ ଯୁବକ, ମହିଳା ଓ ସ୍ୱେଚ୍ଛାସେବୀ ଆଗେଇ ଆସି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିର ରୁ ମୋଟ ୬୧ ୟୁନିଟ୍ ବହୁମୂଲ୍ୟ ରକ୍ତ ସଂଗୃହୀତ ହୋଇଥିଲା । ସ୍ମୃତି କମିଟିର ସଦସ୍ୟ ସମାଜସେବୀ ସୁଶାନ୍ତ ଧଳ, ସ୍ୱେଚ୍ଛାସେବୀ ସୁଜିତ୍ ନାୟକ, ବିଶ୍ୱଜିତ ମୁଦୁଲି, ଅଜୟ ବେହେରା, ଚନ୍ଦନ ବିଶ୍ୱାଳ, ମୃତ୍ୟୁଞ୍ଜୟ ଜେନା, ନଗେନ୍ ବେହେରା, ରଞ୍ଜନ ମହାନ୍ତି, ରାଜେଶ ସିଂହ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ରକ୍ତ କେନ୍ଦ୍ରର ଅଧିକାରୀ ଓ ରକ୍ତ ଭଣ୍ଡାର କର୍ମ କର୍ତ୍ତା ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶେଷରେ ଆୟୋଜକ ସମସ୍ତ ରକ୍ତଦାତା ଓ ସହଯୋଗୀଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ଶିବିର ଜାରି ରହିବ ବୋଲି ପ୍ରକାଶ କରିଛନ୍ତି ଥାଲାସେମିଆ ରୋଗୀଙ୍କ ସହାୟତା ପାଇଁ ଆୟୋଜିତ ଏହି ରକ୍ତଦାନ ଶିବିର ସମାଜରେ ମାନବିକତା, ସେବା ଓ ସହଯୋଗର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛି।

# ସ୍ୱେଚ୍ଛା ରକ୍ତଦାନ ମାନବତାର ଗୋଟିଏ ବୁନ୍ଦା ଶୀର୍ଷକ ଆଲୋଚନାଚକ୍ର



ବସ୍ତା , ୦୪/୧୦ (ନି.ପ୍ର): ଓଡ଼ିଶା ରକ୍ତଦାତା ସଂଘ ଆନୁକୂଲ୍ୟରେ ଦରଡାସ୍ଥିତ ନର୍ଥ ଓଡ଼ିଶା ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ରକ୍ତଦାନ ଦିବସ ପାଳନ ଅବସରରେ 'ସ୍ୱେଚ୍ଛା ରକ୍ତଦାନ ମାନବତାର ଗୋଟିଏ ବୁନ୍ଦା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପକ ଅନନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଦେବସେନାର ରାଜ୍ୟ ଯୁବ ସଭାପତି ଶଙ୍କର ଜେନା, ଅଧ୍ୟକ୍ଷ ହରିଶଙ୍କର ପାଢ଼ୀ, ବାଲେଶ୍ୱର ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅଧ୍ୟାପକ ଡ. ପ୍ରେମାନନ୍ଦ ସେଠୀ ଓ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଜାତୀୟ ରକ୍ତଦାନ ଦିବସ ପାଳନର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ସ୍ୱେଚ୍ଛା ରକ୍ତଦାନ କରି ଜୀବନ ବଞ୍ଚାଇବା ମାନବତାର ଗୋଟିଏ ବୁନ୍ଦା ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ସ୍ୱେଚ୍ଛା ରକ୍ତଦାନ କ୍ଷେତ୍ରରେ ଯୁବ ସମାଜ ପ୍ରମୁଖ ଭୂମିକା ଗ୍ରହଣକରି ରକ୍ତ ଅଭାବକୁ ଦୂର କରିବାକୁ ଅତିଥିମାନେ ଉପସ୍ଥିତ ଯୁବକ ଯୁବତୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଯଜ୍ଞେଶ୍ୱର ଗିରି, ମଧୁସୂଦନ ପରିଡ଼ା, ପଦ୍ମଲୋଚନ ପାଢ଼ୀ, ବୃନ୍ଦାବନ ଜେନା ଓ ଭରତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସିପୁନ ପରିଡ଼ା, କେଶବ ବାରିକ, ସଙ୍ଗୀତା ପାତ୍ର, ଚିନ୍ମୟୀ ନାୟକ, ପ୍ରିୟା ବେହେରା, ଭବେଶ ପ୍ରଧାନ, ରିତେଶ କୁମାର ନାୟକ ଓ ମଧୁସ୍ମିତା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସତ୍ୟରଞ୍ଜନ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦ୍ୱିତୀୟ ତଥା ଶେଷ ଦିନରେ ସ୍ରଷ୍ଟା ଦ୍ୱାରା ମଞ୍ଚସ୍ଥ ହେଲା ଗୌରୀ ଶଙ୍କର ସାହାଣୀଙ୍କ ନାଟକ 'ବାପା'

ବାଲେଶ୍ୱର, ୦୪/୧୦ (ନି.ପ୍ର): ସ୍ରଷ୍ଟା ନାଟ୍ୟ ଅନୁଷ୍ଠାନ ଦ୍ୱାରା ଦୁଇ ଦିନିଆ ନାଟକ ଉତ୍ସବ ଅବକାଶରେ ଦ୍ୱିତୀୟ ଦିନରେ ସ୍ରଷ୍ଟା ର କଳାକାର ଙ୍କ ଦ୍ୱାରା ଗୌରୀ ଶଙ୍କର ସାହାଣୀ ଙ୍କ ରଚିତ ନାଟକ 'ବାପା' ମାକଲ୍ ପୁର୍ , ବାଲେଶ୍ୱର ସ୍ଥିତ ନାଟ୍ୟ ଅନୁଷ୍ଠାନ ରେ ମଞ୍ଚସ୍ଥ ହୋଇ ଯାଇଛି। ସ୍ରଷ୍ଟାର ଉପସଭାପତି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ ଙ୍କ ଅଧ୍ୟକ୍ଷତାରେ,ସମ୍ପାଦକ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ ଓ ଅତିଥି ଭାବେ ଫକୀର ମୋହନ କଲେଜ ର ସାଇ କଲୋଜି ବିଭାଗ ପ୍ରଫେସର ଜୟଶ୍ରୀ ମିଶ୍ର ଙ୍କ ଉପସ୍ଥିତିରେ ସଭାକୁ ଉଦ୍ଘାଟ ନ କରିଥିଲେ ପ୍ରୁଫ ର assiciate ଡାଇରେକ୍ଟର ହିମାଂଶୁ କୁମାର ପଣ୍ଡା। ସେମାନେ ନାଟକର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା ରଖି , ନାଟକ କିପରି ସାମାଜିକ ପ୍ରତିଫଳ ନର ବାର୍ତ୍ତା ବହନ କରି ଗସମାଜକୁ ସଚେତନ କରାଇ ସୁଗମ ଦିଗ ଅନୁସରଣ କରିବାକୁ ଚେଷ୍ଟା ରେ ସାହାଯ୍ୟ କରେ ଆଦି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। 'ପ୍ରିୟ ବ୍ରତ ପଟ୍ଟନାୟକ ଏକ ସଚ୍ଚା ଓ ଦେଶ ଭକ୍ତ ଅବସର ପ୍ରାପ୍ତ ଆର୍ମି ଅଫିସର। ତାଙ୍କର ଦୁଇ ପୁଅ ମଧ୍ୟରୁ



ବଡ଼ପୁଅ ପୋଲିସ ଇନ୍ସପେକ୍ଟର ଓ ସାନ ପୁଅ ଏକ ସାମାଜିକ ସେବା ଅନୁଷ୍ଠାନ ର ସଦସ୍ୟ ଓ ସବା ସାନ ଝିଅ ପରିବାର ର ସବୁ ଦାୟିତ୍ୱ ନିଏ ।ବଡ ପୁଅ ତାର ଆଧୁନିକା ସ୍ତ୍ରୀ ଦ୍ୱାରା ପରିଚାଳିତ ହୋଇ Status maintain କରିବା ଆଶାରେ ମନ୍ତ୍ରୀଙ୍କୁ ହାତ କରି ଦୁର୍ନୀତି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରେ ଓ ଘରୁ ବାହାରି ଯାଇ ସୁଦୂର ସହରରେ ରହେ ।ସାନ ପୁଅ ସାମାଜିକ କାର୍ଯ୍ୟରେ ଦ୍ୱାହି ଦେଇ ଘରକୁ ଆସେନା। ଇତି ମଧ୍ୟରେ ବାପା ପ୍ରିୟ ବ୍ରତ ପଟ୍ଟନାୟକ ପାରାଲିସିସ୍ ରୋଗରେ ପଡ଼ି ଆଶା ବାଡି ଧରି ଚାଲନ୍ତି ।ତାଙ୍କୁ ସାହାଯ୍ୟ କରନ୍ତି ଜଣେ ଡାକ୍ତର ।ବାପା ଙ୍କ ସବୁ ଦାୟିତ୍ୱ ନିଏ ସାନ ଝିଅ ପିଙ୍କି। ବଡ଼ ଭାଇ ଦୁର୍ନୀତି କରି ଚାଲିଥିଲା ବେଳେ ,ସାନ ପୁଅ ଜହର ତାକୁ ବିରୋଧ କରେ ଓ ଦୁଇ ଭାଇ ମଧ୍ୟରେ ସମ୍ପର୍କ ଛିନ୍ନ ହୋଇ ଉଭୟେ ନିଜ ଘରୁ ବାହାରି ବାହାରେ ରୁହନ୍ତି। ଅସହାୟ ବିଚରା ବାପା ଝିଅର ସେବା ପରାୟଣତାରେ କଷ୍ଟରେ ଜୀବନ ଅତିବାହିତ କରନ୍ତି ଓ ବିବ୍ରତ ହୋଇ ପଡ଼ି ଅଣନିଶ୍ୱାସୀ ହୋଇ ପଡ଼ନ୍ତି ।ଶେଷରେ ପୁଅ ମାନଙ୍କର ବିଶୃଙ୍ଖଳିତ ଆଚରଣରେ ବିବତ୍ର ହୋଇ ହାର୍ଟ ଆଟାକରେ ମୃତ୍ୟୁ ବରଣ କରନ୍ତି ।ଅନ୍ତିମ ସଂସ୍କାର ପାଇଁ ଝିଅ ପିଙ୍କି ସବୁ ଆୟୋଜନ କରୁଥିବା ବେଳେ ଦୁଇ ଭାଇ ଆସି ।ପହଞ୍ଚି ବାପାଙ୍କର ଶବ ସତ୍କାର କରିବାକୁ ଚେଷ୍ଟା କରନ୍ତି ।ମାତ୍ର ତାଙ୍କୁ ସୁଯୋଗ ନ ଦେଇ ପିଙ୍କି ନିଜେ ସବୁ କର୍ମ କରିବାକୁ ଚାହେଁ। ମାତ୍ର ପାରିବାରିକ ଡାକ୍ତରଙ୍କ ପରାମର୍ଶ ମାନି ପିଙ୍କି ଜିଦ୍ ରୁ କ୍ଷାନ୍ତ ହୋଇ ସମସ୍ତେ ଭାଇ ଭଉଣୀ ମିଶି ବାପା ଙ୍କ ର ଅନ୍ତେଷ୍ଟି କ୍ରିୟା କରିବାକୁ ରାଜି ହୁଅନ୍ତି ।'ଏହାହିଁ ଥିଲା ନାଟକର ବିଷୟ ବସ୍ତୁ। ନାଟକ ଟିକୁ ଗୌରୀ ଶଙ୍କର ସାହାଣୀ ରଚନା କରିଥିବା ବେଳେ, ନିର୍ଦ୍ଦେଶନା ଦେଇଥିଲେ ପ୍ରସନ୍ନ କୁମାର ଦାସ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବାପି ନାୟକ ।ସଙ୍ଗୀତ ଗାନ କରିଥିଲେ ରଶ୍ମି ରେଖା ସାହାଣୀ ।ମଞ୍ଚ ପରି ଚାଳନା କରିଥିଲେ ଶ୍ରୀଯୁକ୍ତ ଗିରିଜା ଶଙ୍କର କର ଓ ପ୍ରଦୀପ ଶତପଥୀ ।ମଞ୍ଚ ସଜା ରେ ଥିଲେ ସନ୍ତୋଷ କମିଳା। ସ୍ରଷ୍ଟାର କଳାକାର ଶ୍ରୀଯୁକ୍ତ ଗୌରୀ ଶଙ୍କର ସାହାଣୀ, ରତିକାନ୍ତ ମଲ୍ଲିକ, ରଶ୍ମି ରଞ୍ଜନ ଦାସ,ଅଜିତ୍ କୁମାର ପଣ୍ଡା,ଦିବାକର ମହାନ୍ତି, ପୁଷ୍ପିତା ପାଢ଼ୀ ଓ ସ୍ୱାତୀ ସ୍ମିତା ଦାସ ପ୍ରମୁଖ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଦେଇଥିଲେ। ସ୍ରଷ୍ଟାର ସବୁ ସଦସ୍ୟ,ସଦସ୍ୟା ନାଟକର ସଫଳ ରୂପାୟନ ରେ ସାହାଯ୍ୟ କରିଥିଲେ।

## ନଈରେ ବୁଡ଼ି ମାମୁଁ ଆଖିଆଗରେ ଚାଲିଗଲା ଭଣଜାର ଜୀବନ

ନୀଳଗିରି , ୦୪/୧୦ (ନି.ପ୍ର): ମଣିଷ ଜୀବନ ପାଣିଫୋଟକା, ଏହା ଚିରନ୍ତନ ସତ୍ୟ। ହସଖୁସିର ସଂସାର ଭିତରେ ହଠାତ୍ କଳାବାଦଲ ଛାଇଗଲା। ମାମୁଁ ସହ ନଦୀକୁ ଗାଧୋଇବାକୁ ଯାଇଥିବା ଭଣଜା,ମାମୁଁ ଆଖିଆଗରେ ନଦୀପାଣିରେ ବୁଡ଼ିଯାଇ ପ୍ରାଣ ହରାଇଲା। ଏଭଳି ଅଘଟଣ ଦେଖିବାକୁ ମିଳିଛି ନୀଳଗିରି ଥାନା ଅଧିନସ୍ଥ କାଂଶ ଗ୍ରାମରେ। ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ଜୟପୁର ନିକଟବର୍ତ୍ତୀ ଅସ୍ତିଆ ଗ୍ରାମର ଟୁକୁନା ପାତ୍ରଙ୍କ ପୁଅ ରାଜେଶ ପାତ୍ର (୧୬) ପିଲାବେଳୁ ମାମୁଁଘର ନୀଳଗିରି ବ୍ଲକ୍ କାଂଶ ଗ୍ରାମରେ ରହି ଆସୁଥିଲେ। ଆଜି ମଧ୍ୟାହ୍ନ ପ୍ରାୟ ୧.୩୦ସମୟରେ ନିକଟସ୍ଥ ସୋନନଦୀକୁ ମାମୁଁ ଚିନ୍ମୟ ପାତ୍ରଙ୍କ ସହିତ ଗାଧୋଇବା ପାଇଁ ଯାଇଥିବା ବେଳେ ହଠାତ ମାମୁଁ ଓ ଭଣଜା ନଦୀର ଭଉଁରୀରେ ପଡ଼ିଯିବା କାରଣରୁ ଉଭୟ ବୁଡ଼ିଯାଇଥିଲେ। ତେବେ ନିକଟରେ ମାଛଧରୁଥିବା କିଛି ଲୋକ ଏକ ବାଉଁଶକଣୀ ସାହାଯ୍ୟରେ ମାମୁଁ ଚିନ୍ମୟକୁ ଉଦ୍ଧାର କରିଥିବା ବେଳେ ଭଣଜା ନଦୀପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟଲୋକ ଅଗ୍ନିଶମବାହିନୀକୁ ଖବର ଦେବାପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା। ଖବର ଲେଖାହେଲା ବେଳକୁ ଶବବ୍ୟବଚ୍ଛେଦ ହୋଇନଥିବା ଜଣାପଡିଛି।

# ସୁରଭି ମାଧ୍ୟମରେ ଭାଷା ଓ ସଂସ୍କୃତିର ବିକାଶ




ବାଲିଆପାଳ , ୦୪/୧୦ (ନି.ପ୍ର): ବସ୍ତା ବ୍ଲକ ଦଣ୍ଡିକା କ୍ଲଷ୍ଟର ଅଧିନସ୍ଥ ଗୁଛାୟତ ମଧୁସୂଦନ ସରକାରୀ ବିଦ୍ୟାପୀଠ ପରିସରରେ ସିଆରସିସି ଭୋଳାନାଥ ସାମଲ ଙ୍କ ତ୍ୱାତାବଧାନ ରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଙ୍କ ସଭାପତିତ୍ୱ ରେ ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ ହୋଇଯାଇଛି ଏହି କାଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରୋହିୟା ଟୁଡୁ ଉଦଘାଟନ କରି ମନ୍ତବ୍ୟ ଦେଇଥିଲେ ଯେ ସୁରଭି କାଯ୍ୟକ୍ରମ ପ୍ରତିଯୋଗିତା ର ମଞ୍ଚ ନୁହଁ ଏହା ପିଲାମାନଙ୍କର ଲୁକାୟତ ପ୍ରତିଭା ପରିପୁଷ୍ଟନ ମଞ୍ଚ ମୁଖ୍ୟ ବକ୍ତା ଭାବେ ଓଡ଼ିଶୀ ନୃତ୍ୟ ଗୁରୁ ସତ୍ୟନାରାୟଣ ହରିଦାସ ଉପସ୍ଥିତ ରହି ଏହି ବାତ୍ର ଦେଇଥିଲେ ଆଧାତ୍ମିକ ଚେତନା ଅନୁପ୍ରାଣିତ ହେଲେ ହିଁ ସଭ୍ୟତା ସଂସ୍କାର ଓ ସଂସ୍କୃତି ରେ ପୁନଃ ଉଦ୍ଧାର ହୋଇପାରିବ ବରଣ୍ୟ ଅତିଥି ଭାବରେ ବାହାଦା ପଂଚାୟତ ର ସରପଞ୍ଚ ସଂଜୀବ କୁମାର ଦଳାଇ ମତ ପୋଷଣ କରିଥିଲେ ଯେ କେବଳ ଶିକ୍ଷା ନୁହଁ କଳା ମାଧ୍ୟମରେ ମଧ୍ୟ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ଏଥିରେ ୧୨ଟି ବିଦ୍ୟାଳୟ ରୁ ୧୫୦ଉର୍ଦ୍ଧ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ବରିଷ୍ଠ ଶିକ୍ଷକ କାଇପଦ ମଙ୍ଗରାଜ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ ସ୍ୱରୂପା ମହାପାତ୍ର, ଶୁଭସ୍ମିତା ଭଞ୍ଜ, ବିଜୟୀ ଲକ୍ଷ୍ମୀ ନାୟକ, ନିୟତି ରାଉତ, ସାରସ୍ୱତ ସାହୁ, ତାପସ ବିଶ୍ୱାଳ କାଯ୍ୟକ୍ରମ ରେ ସହଯୋଗ କରିଥିଲେ ଶେଷରେ ହିନ୍ଦୀ ଶିକ୍ଷୟିତ୍ରୀ ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଶିଙ୍ଗ -ରୁପ୍ସା ରାସ୍ତା କାର୍ଯ୍ୟ ପରିଦର୍ଶନ କଲେ ବୈଶିଙ୍ଗା ମିଡିଆ ସେଣ୍ଟର ସଦସ୍ୟ ଏବଂ ବିପଦ ପୂର୍ଣ୍ଣ ରାସ୍ତା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଲେ

ବୈଶିଙ୍ଗା , ୦୪/୧୦ (ନି.ପ୍ର): ଦୀର୍ଘ ପାଞ୍ଚ ବର୍ଷ ଧରି ଠାକୁରମୁଣ୍ଡା-ଡଙ୍ଗାଡିହା -ରୁପ୍ସା ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ବୈଶିଙ୍ଗା ରୁ ରୁପ୍ସା ପାଇଁ. ଗତ ଦୁଇ ମାସ ତଳେ ୨୩ କୋଟି ଟଙ୍କାର ପ୍ରକଳ୍ପକୁ ଆମ ବିଧାୟକ ଶ୍ରିଳାନ୍ୟାସ କରିଥିଲେ । ଠିକାଦାର ମଧ କାର୍ଯ୍ୟ ଆରମ୍ଭ କରିଥିବାର ଜଣା ଯାଇଛି । ମାତ୍ର ପୂର୍ବ ରାସ୍ତାର ଉଭୟ ପାର୍ଶ୍ୱରେ ତିନି ମିଟର ଲେଖାଏଁ ଖୋଳିବା ପରିବର୍ତ୍ତେ ଦୁଇ ମିଟର ଖୋଳାଯାଇ ମେଟାଲିଂ କରାଯାଇଥିବାର ମିଡ଼ିଆ ସେଣ୍ଟର ସଦସ୍ୟ ପରିଦର୍ଶନ ସମୟରେ ଦେଖିବାକୁ ପାଇଥିଲେ । ଏଥି ସହିତ ଚଳିତ ବର୍ଷ ଲଗାତର ବର୍ଷା ହେବା ଯୋଗୁଁ ଦୁଇ ଦୁଇ ଥର ଏହି ରାସ୍ତା ର କଦଳିଆ ଭିଲା ଠାରେ ପାଣିର ପ୍ରଚଣ୍ଡ ସୁଅରେ ପ୍ରାୟ ୧୦୦ ମିଟର ରାସ୍ତା ଉପରେ ଘାଇ ସୃଷ୍ଟି ହେବା ଯୋଗୁଁ ଯାନ ବାହନ ଚଳାଚଳ ବନ୍ଦ ରହିଥିଲା । ବିଭାଗୀୟ କର୍ତ୍ତୃପକ୍ଷ ଏକ ଅସ୍ଥାୟୀ ମରାମତି କରି ଯାନବାହନ ଚଳାଚଳ ପାଇଁ ସୁବିଧା କରିଥିଲେ ମଧ ଏବେବି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଦେଖା ଯାଇଥିଲା । ଠିକାଦାର ଙ୍କ ମନମୁଖି କାର୍ଯ୍ୟର ସଠିକ୍ ତଦାରଖ କରିବା ସହିତ କାର୍ଯ୍ୟର ମାନ ସମୀକ୍ଷା କରିବା ପାଇଁ ବିଭାଗୀୟ ଉପଖଣ୍ଡ ଅଧିକାରୀ ଅରବିନ୍ଦ ମହାନ୍ତିଙ୍କୁ



ଅବଗତ କରାଇଥିଲେ । ବର୍ଷା ଛାଡି ଯିବା ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ, ଏଥି ସହିତ ଏହି କଦଳିଆ ଭିଲା ନିକଟରେ ପାଣି ନିଷ୍କାସନ ପାଇଁ ଅତି କମରେ ପଚାଶ ମିଟରର କଲଭଟ ପୋଲ ର ଆବଶ୍ୟକତା ସମ୍ପର୍କରେ ମିଡିଆ ସେଣ୍ଟର ତରଫରୁ ଦାବି କରାଯାଇଥିଲା । ବୈଶିଙ୍ଗା ମିଡିଆ ସେଣ୍ଟର ର ସଦସ୍ୟ ମାନଙ୍କ ମଧ୍ୟରୁ ସର୍ବଶ୍ରୀ ସୀତାନାଥ ବେହେରା, ମଧୁସୂଦନ ମହାନ୍ତି, ନରହରି ବିଶ୍ୱାଳ, ଭାଗବତ ମହାନ୍ତ, ବିମଳେନ୍ଦୁ ମହାପାତ୍ର, ଦାମୋଦର ଜେନା , ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଏହି ପରିଦର୍ଶନରେ ସାମିଲ ହୋଇ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida